ବର୍ଷ-୨୬, ସଂଖ୍ୟା-୨୦
ଭୁବନେଶ୍ୱର
୨୦, ଜାନୁଆରୀ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 20
Bubaneswar
20, January, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ରିଙ୍କୁଙ୍କ ନାଁରେ ସଂଗୀନ ଅଭିଯୋଗ



## ୩ ଦିନରେ ସମାଧାନ ହେବ ଆୟୁଷ୍ମାନ ଯୋଜନାର ସମସ୍ୟା

ଭୁବନେଶ୍ୱର,୧୯।୧(ମହାଭାରତ): ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ସମ୍ପର୍କରେ ଦୁଇ ଦିନିଆ ଚିନ୍ତନ ଶିବିର ଆୟୋଜିତ ହୋଇଛି । ଏହି ଶିବିରରେ ଯୋଜନାର କାର୍ଯ୍ୟାନ୍ୱୟନ, କାର୍ଡ ତିଆରି ପ୍ରକ୍ରିୟା ଓ ଡିଜିଟାଲ ସୁବିଧା ନେଇ ଆଲୋଚନା କରାଯାଇଛି ।

ଶିବିରରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ କାର୍ଡ ସମ୍ପର୍କିତ ସମସ୍ତ ସମସ୍ୟା ଖୁବଶୀଘ୍ର ସମାଧାନ ହେବ । ଯେଉଁ ଯୋଗ୍ୟ ଲାଭାର୍ଥୀ ମାନଙ୍କର ଏ ପର୍ଯ୍ୟନ୍ତ କାର୍ଡ ହୋଇନାହିଁ, ସେମାନେ ଡିଜିଟାଲ ମାଧ୍ୟମରେ ନିଜ ତଥ୍ୟ ଦେଖିପାରିବେ ଓ ଆବେଦନର ସ୍ଥିତି ଜାଣିପାରିବେ। ଆଗାମୀ ଦିନରେ ଆୟୁଷ୍ମାନ ଭାରତ ସଂପର୍କିତ ସମସ୍ତ ଡାଟା ଓଡ଼ିଆ ଭାଷାରେ ଉପଲବ୍ଧ ହେବ, ଯାହା ଫଳରେ ସାଧାରଣ ଲୋକଙ୍କୁ ଯୋଜନା ବୁଝିବା ଓ ସୁବିଧା ନେବା ଅଧିକ ସହଜ ହେବ । ଏଥିପାଇଁ ୩ ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ ଓ ସହଜଗମ୍ୟ କରାଯିବ ବୋଲି ଆଶା କରାଯାଉଛି ।

## ବିଜାପୁରରେ ପୁଲିସ ଓ ଯବାନଙ୍କୁ ବଡ ସଫଳତା

# ଏନକାଉଣ୍ଟରରେ ଟଳିଲେ ୬ ହାର୍ଡକୋର ମାଓବାଦୀ

ଛତିଶଗଡ,୧୯।୧(ମହାଭାରତ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁରରେ ପୁଲିସ ଓ ଯବାନଙ୍କୁ ମିଳିଛି ବଡ ସଫଳତା। ଏକ ବଡ ଧରଣର ଏନକାଉଣ୍ଟରରେ ୬ ମାଓବାଦୀ ନିପାତ ହୋଇଛନ୍ତି। ବିଜାପୁର ଜିଲ୍ଲା ନେସନାଲ ପାର୍କ ଜଙ୍ଗଲରେ ସୁରକ୍ଷାକର୍ମୀ ଏବଂ ମାଓବାଦୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ପୋଲିସର ଏନକାଉଣ୍ଟରରେ ୪ ମହିଳା ମାଓବାଦୀ ସମେତ ୬ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି।

ଏନକାଉଣ୍ଟରରେ ମୃତ ମାଓବାଦୀ ହେଲା ନେସନାଲ ପାର୍କ ଏରିଆ କମିଟି କମାଣ୍ଡର ମାଓ ନେତା ଦିଲିପ ଭେଡ଼ଜା। ତା ମୁଣ୍ଡରେ ଥିଲା ଆଠ ଲକ୍ଷ ଟଙ୍କାର ପୁରସ୍କାର ରାଶି। ସେହିପରି ୫ ଲକ୍ଷ ଟଙ୍କା ପୁରସ୍କାର ଥିଲା ଇଉଗ କ୍ୟାଡ଼ର ମାଓବାଦୀ ମାଡ଼ବୀ କୋଷା ଉପରେ। ଏବେବି ସୁରକ୍ଷାକର୍ମୀ ପକ୍ଷରୁ ଅପରେସନ ଜୋରଦାର କରାଯାଇଛି। ସୀମାନ୍ତ



ଅଞ୍ଚଳକୁ ସିଲ କରାଯାଇଛି। ଏସ୍‌ଟିଏଫ, ଡିଆରଜି, ସିଆରପିଏଫ ଜବାନଙ୍କ ଅପରେସନ ବେଳେ ଏହି ସଫଳତା ମିଳିଛି। ଏଥିସହ ଏହି ଅପରେସନରେ ୨ଟି ଲେଖାଏଁ ଏକେ-୪୭, ୩୦୩ ରାଇଫଲ ଓ ଗୋଟିଏ ଇନସାସ୍ ଜବତ ହୋଇଛି।

ଜାନୁଆରୀ ୩ ତାରିଖରେ, ବସ୍ତର ଅଞ୍ଚଳରେ ଦୁଇଟି ଏନକାଉଣ୍ଟରରେ ୧୪ ଜଣ ନକ୍ସଲ ନିହତ ହୋଇଥିଲେ, ଯେଉଁଥିରେ ବିଜାପୁର ସମେତ ସାତଟି ଜିଲ୍ଲା ଅନ୍ତର୍ଭୁକ୍ତ। ଗତ ବର୍ଷ, ଛତିଶଗଡ଼ରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ୨୮୫ ଜଣ ନକ୍ସଲ ନିହତ ହୋଇଥିଲେ। ବାମପନ୍ଥୀ ଉଗ୍ରବାଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଛନ୍ତି।

## ମାଓ ବିସ୍ଫୋରଣରେ ଯୁବ ମୃତ

ରାୟପୁର,୧୯।୧(ମହାଭରତ) ଛତିଶଗଡ଼ର ବିଜାପୁର ଜିଲ୍ଲାର ଉସୁର ଥାନା ଅଞ୍ଚଳର କସ୍ତୁରିପଡ଼ା ଜଙ୍ଗଲରେ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ନକ୍ସଲମାନଙ୍କ ଦ୍ୱାରା କରାଯାଇଥିବା ଚାପ ଆଇଇଡି ବିସ୍ଫୋରଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ପୋଲିସ ଅଧୀକ୍ଷକ ଜିତେନ୍ଦ୍ର ଯାଦବ ଘଟଣାର ସତ୍ୟାସତ୍ୟ ପ୍ରକାଶ କରିଛନ୍ତି।ବିଜାପୁର ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଘଟଣା ଜାନୁଆରୀ ୧୮, ରବିବାର ସନ୍ଧ୍ୟାରେ ଘଟିଛି। ପୋଲିସ କହିଛି ଯେ ମୃତକ ଆୟତା କୁହରାମି (୨୦) କସ୍ତୁରିପଡ଼ା ଗାଁରେ ରହୁଥିଲେ। ପୋଲିସ ଅନୁଯାୟୀ, ଆୟତା କୁହରାମି ଜଙ୍ଗଲ ଅଞ୍ଚଳ ଆଡକୁ ଯାଉଥିବା ସମୟରେ ମାଓବାଦୀମାନଙ୍କ ଦ୍ୱାରା ଲଗାଯାଇଥିବା ଏକ ଚାପ ଆଇଇଡି ଉପରେ ପାଦ ଦେଇଥିଲେ, ଯାହା ବିସ୍ଫୋରଣ କରିଥିଲା। ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ ଏବଂ ତାଙ୍କ ଦୁଇ ଗୋଡରେ ଗଭୀର ଆଘାତ ଲାଗିଥିଲା। ଆୟତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଉଥିଲା, କିନ୍ତୁ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।ଘଟଣା ପରେ, ସୁରକ୍ଷା ବାହିନୀ ଅଞ୍ଚଳର ଘନିଷ୍ଠ ତଲାସ ଚଳାଇଛନ୍ତି। ପୋଲିସ ଗ୍ରାମବାସୀଙ୍କୁ ବୁଝାଇ ଦେଇଛି ଯେ ସେମାନେ ଜଙ୍ଗଲ ଆଡକୁ ଯିବାରୁ ନିବୃତ୍ତ ରହିବା ଉଚିତ ଏବଂ ଯଦି ସେମାନେ କୌଣସି ସନ୍ଦେହଜନକ ବସ୍ତୁ ପାଆନ୍ତି, ତେବେ ତୁରନ୍ତ ପୋଲିସକୁ ଜଣାଇବା ଉଚିତ।

# ବ୍ୟାଙ୍କରୁ ଲୁଟିନେଲେ ୫ କୋଟିର ସୁନା ଓ ୮ ଲକ୍ଷ ଟଙ୍କା

ବଡ଼ବିଲ,୧୯।୧(ମହାଭରତ): କେନ୍ଦୁଝର ଜିଲ୍ଲାର ବଡବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ବନ୍ଧୁକ ମୁନରେ ୮ ଲକ୍ଷ ଟଙ୍କା ଓ ୫ କୋଟିରୁ ଅଧିକ ସୁନା ଲୁଟ୍ କରି ଫେରାର ହୋଇଯାଇଛନ୍ତି। କେନ୍ଦୁଝର ଜିଲ୍ଲାର ଖଣିଜ ସହର ବଡବିଲର କଳିଙ୍ଗ ରାସ୍ତା ସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରେ ଏକ ଗମ୍ଭୀର ସଶସ୍ତ୍ର ଡକାୟତି ଘଟଣା ଘଟିଥିବା ସୂଚନା ମିଳିଛି। ଦିନ ଦିପ୍ରହରେ ଘଟିଥିବା ଏହି ଡକାୟତି ଘଟଣା ସମଗ୍ର ସହରରେ ଆତଙ୍କ ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରାପ୍ତ ସୂଚନା ଅନୁସାରେ, ୫ରୁ ୬ ଜଣ ଅଜଣା ଡକାୟତ ଗ୍ରାହକ ସେବା ନେବା ନାଟକରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ହଠାତ୍ ସେମାନେ ବନ୍ଧୁକ ବାହାର କରି ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଗ୍ରାହକମାନଙ୍କୁ ଭୟଭୀତ କରିଥିଲେ। ବନ୍ଧୁକ ମୁନରେ ପ୍ରାୟ ୮ ଲକ୍ଷ ଟଙ୍କା ନଗଦ ସହ ବ୍ୟାଙ୍କରେ ରଖାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଲୁଟ୍ କରି ଡକାୟତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି।

ଘଟଣାର ସୂଚନା ପାଇବା ସହିତ ବଡବିଲ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ପକ୍ଷରୁ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଉଛି ଏବଂ ଡକାୟତମାନେ କେଉଁ ଦିଗକୁ ଫେରାର ହୋଇଥିଲେ, ସେନେଇ ତଦନ୍ତ ଜୋରଦାର କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଜାରି ରହିଛି।

## ସ୍ପେନରେ ରେଳ ଦୁର୍ଘଟଣା, ୨୧ ମୃତ

ମେଡ୍ରିଡ, ୧୯।୧(ମହାଭାରତ)ସ୍ପେନର କୋର୍ଡୋବା ଅଂଚଳର ଏଡାମୁଜ୍ ଅଞ୍ଚଳରେ ଦ୍ରୁତଗତିରେ ଚାଲୁଥିବା ଦୁଇଟି ଯାତ୍ରୀବାହୀ ରେଳଗାଡ଼ି ଟ୍ରାକରୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଅତିକମରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୨ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୦ ଜଣଙ୍କର ଅବସ୍ଥା ଗୁରୁତର ରହିଛି।

ପ୍ରଥମେ ଗୋଟିଏ ଟ୍ରେନ ଟ୍ରାକରୁ ଖସି ପଡ଼ି ଗୋଟିଏ ଆମ୍ବୁଲାନ୍ସ ସହ ଧକ୍କା ହୋଇଥିଲା, ଯାହାର ଫଳରେ ଏହାର ଅନେକ ଡିବା ଅଲଗା ହୋଇଯାଇଥିଲା। ମୃତ୍ୟୁବରଣ କରିଥିବା ଲୋକମାନଙ୍କ ମଧ୍ୟରେ ଦ୍ୱିତୀୟ ଟ୍ରେନର ଡ୍ରାଇଭର ମଧ୍ୟ ଅଛନ୍ତି। ଏହି ଦୁର୍ଘଟଣା ରବିବାର ବିଳମ୍ବିତରାତିରେ ଘଟିଥିଲା। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ବିଜେପି ଅଧ୍ୟକ୍ଷ ନିର୍ବାଚନ : ନୀତିନ ନବୀନ ଏକମାତ୍ର ପ୍ରାର୍ଥୀ

ନୂଆଦିଲ୍ଲୀ,୧୯।୧(ମହାଭାରତ): ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ସଭାପତି ପଦ ପାଇଁ କାର୍ଯ୍ୟକାରୀ ସଭାପତି ଥିବା ନୀତିନ ନବୀନ ହିଁ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରସ୍ତାବକ ରହି ନୀତିନଙ୍କ ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର କେ.ଲକ୍ଷ୍ମଣଙ୍କୁ ପ୍ରଦାନ କରିଛନ୍ତି। ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପୃଥକ ତିନୋଟି ସେଟ୍ ଦାଖଲ କରିଛନ୍ତି । ନୀତିନ ନିର୍ଦ୍ଦନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। କେବଳ ତାଙ୍କ ନାମରେ ଆନୁଷ୍ଠାନିକ ଘୋଷଣା ବାକି ଅଛି। ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ନାମାଙ୍କନ ପତ୍ର ଯାଞ୍ଚ ହେବ, ସନ୍ଧ୍ୟା ୫ଟାରୁ ୬ଟା ପ୍ରତ୍ୟାହାର, ଅନ୍ୟ କେହି ଯେହେତୁ ନାମାଙ୍କନ ଦାଖଲ କରିନାହାଁନ୍ତି। ତେଣୁ ଆଜି ହିଁ ଆନୁଷ୍ଠାନିକ ଭାବେ ନୂଆ।



ଅଧ୍ୟକ୍ଷ ଭାବେ ନୀତିନ ନବୀନଙ୍କ ନାମ ଘୋଷଣା କରାଯିବ ।

ନୀତିନଙ୍କୁ ସଭାପତି କରିବା ଲାଗି ଦଳ ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ହୋଇଥିଲା। ନୀତିନ ନବୀନ ବିହାରର ବାଙ୍କିପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଅଛନ୍ତି । ନୀତିନ ନବୀନ ୨୦୦୬ ମସିହାରେ ପ୍ରଥମ ଥର ପାଇଁ ପାଟନା ପଶ୍ଚିମ ବିଧାନସଭା ଆସନରୁ ବିଧାୟକ ହୋଇଥିଲେ। ସେ ୨୦୧୦ ରୁ ୨୦୨୫ ପର୍ଯ୍ୟନ୍ତ ବାଙ୍କିପୁର ଆସନରୁ ନିରନ୍ତର ଜିତି ଆସୁଛନ୍ତି। ନୀତିନ ନବୀନ ବର୍ତ୍ତମାନ ବିହାରର ଏନଡିଏ ସରକାରରେ ରାସ୍ତା ନିର୍ମାଣ ବିଭାଗ ଏବଂ ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ ମନ୍ତ୍ରୀ ଅଛନ୍ତି ନୀତିନ ନବୀନଙ୍କ ଜନ୍ମ ୧୯୮୦ ମସିହା ମେ ମାସରେ ଝାଡ଼ଖଣ୍ଡର ରାଞ୍ଚିରେ ହୋଇଥିଲା।

ନିର୍ବାଚନ ଆୟୋଗ ତାଙ୍କ ନିର୍ବାଚନୀ ସତ୍ୟପାଠ ମାଧ୍ୟମରେ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ନୀତିନ ନବୀନଙ୍କ ପିତାଙ୍କ ନାମ ନବୀନ କିଶୋର ପ୍ରସାଦ ସିହ୍ନା, ଏବଂ ସେ ପାଟନାର ଟେଲର ରୋଡର ବାସିନ୍ଦା। ସେ ନିଜକୁ ଜଣେ ସମାଜସେବୀ ଭାବରେ ବର୍ଣ୍ଣନା କରନ୍ତି। ତାଙ୍କ ନିର୍ବାଚନୀ ସତ୍ୟପାଠ ଅନୁଯାୟୀ, ତାଙ୍କୁ କୌଣସି ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। ନୀତିନ ନବୀନ ୧୯୯୬ ମସିହାରେ ପାଟନାର ସେଣ୍ଟ ମାଇକେଲ୍ସ ହାଇସ୍କୁଲରୁ ମାଟ୍ରିକ ଏବଂ ୧୯୯୮ ମସିହାରେ ଦିଲ୍ଲୀର ସିଏସକେଏମ ପବ୍ଲିକ୍ ସ୍କୁଲରୁ ମଧ୍ୟମା ପରୀକ୍ଷା ସମାପ୍ତ କରିଥିଲେ।

# ଦିଲ୍ଲୀରେ ହେବ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ

ନୂଆଦିଲ୍ଲୀ,୧୯।୧(ମହାଭାରତ): ଭାରତୀୟ ନିର୍ବାଚନ ଆୟୋଗ ଜାନୁଆରୀ ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ଭାରତ ମଣ୍ଡପମରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ସମ୍ମିଳନୀ ୨୦୨୬ ଆୟୋଜନ କରିବ ।ଇଣ୍ଡିଆ। ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜିତ, ଏହି ତିନି ଦିନିଆ। ସମ୍ମିଳନୀ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଭାରତ ଦ୍ୱାରା ଆୟୋଜିତ ସର୍ବବୃହତ ଅନ୍ତର୍ଜାତୀୟ ସମାବେଶ ହେବ ବୋଲି ଆଶା କରାଯାଉଛି ।ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ୭୦ରୁ ଅଧିକ ଦେଶର ପ୍ରାୟ ୧୦୦ ଅନ୍ତର୍ଜାତୀୟ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିରେ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧି, ଭାରତରେ ବିଦେଶୀ ମିଶନ ଏବଂ ନିର୍ବାଚନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିକ୍ଷାଗତ ଏବଂ ବୃତ୍ତିଗତ ବିଶେଷଜ୍ଞମାନେ ଯୋଗଦେବେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ସହିତ, ପ୍ରତିନିଧିମାନଙ୍କୁ ସ୍ୱାଗତ କରିବେ ଏବଂ ଜାନୁଆରୀ ୨୧ ତାରିଖରେ ଉଦଘାଟନୀ ଅଧିବେଶନରେ ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରିବେ । ସମ୍ମିଳନୀର ଏକ ଅଂଶ ଭାବରେ, ୩୬ ଟି ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିବେ। ବିଶ୍ୱବ୍ୟାପୀ ନିର୍ବାଚନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ସାଧାରଣ ସମସ୍ୟା ଉପରେ ଆଲୋଚନା ହେବ।

## ନନ୍ଦନକାନନରେ ଜଳପକ୍ଷୀ ଗଣନା ଶେଷ

ଭୁବନେଶ୍ୱର,୧୯।୧(ମହାଭାରତ): ନନ୍ଦନକାନନରେ ଜଳପକ୍ଷୀ ଗଣନା ଶେଷ ହୋଇଛି। ଗଣନାରୁ ୭୨ ପ୍ରଜାତିର ରେକର୍ଡ ମୋଟ ୨,୭୨୭ ଜଳପକ୍ଷୀ ଥିବା ଜଣାପଡିଛି। ଗତ ବର୍ଷ ୫୫ ପ୍ରଜାତିର ୧,୬୦୨ ପକ୍ଷୀ ରେକର୍ଡ କରାଯାଇଥିଲା ବେଳେ ଚଳିତ ବର୍ଷ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ହୋଇଛି । ଏହି ଗଣନା ସମୟରେ ଟଫଟେଡ୍ ଡକ୍, ଷ୍ଟ୍ରାଇଟେଡ୍ ହେରନ୍, କମନ୍ ରେଡଶାଙ୍କ୍, କମନ୍ ଗ୍ରୀନଶାଙ୍କ୍, ଗ୍ରେ-ହେଡେଡ୍ ଲାପଓ୍ୱିଙ୍ଗ୍, ଗାଡଓ୍ୱାଲ୍, ସ୍ପଟ୍-ବିଲ୍ଡ ଡକ୍, ରେଡ-ରମ୍ପଡ୍ ସ୍ୱାଲୋ ଏବଂ ଅସ୍ପ୍ରେ ଭଳି ଅନେକ ପ୍ରଜାତି ରେକର୍ଡ କରାଯାଇଥିଲା କିନ୍ତୁ ପୂର୍ବ ବର୍ଷରେ ସେମାନଙ୍କୁ ଦେଖିବାକୁ ମିଳିନଥିଲା । ନନ୍ଦନକାନନ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଆଖପାଖରେ ଥିବା ଆର୍ଦ୍ରଭୂମିରେ ମଧ୍ୟ-ଶୀତକାଳୀନ ଜଳପକ୍ଷୀ ଗଣନା କରାଯାଇଥିବା ବେଳେ ନଅଟି ସର୍ଭେ ଦଳ ଗଠନ କରାଯାଇଥିଲା । ଏହି ବିଶେଷଜ୍ଞ ଦଳ ଭିତରେ ମୋଟ ୫୫ ଜଣ ପକ୍ଷୀ ବିଶେଷଜ୍ଞ, ଛାତ୍ର ଏବଂ ଅଧିକାରୀ ଅଂଶଗ୍ରହଣ କରିଥିଲେ।

ଦଳଗୁଡ଼ିକ ଅଭୟାରଣ୍ୟ ମଧ୍ୟରେ କାଞ୍ଜିଆ ହ୍ରଦ, କିଆକାନି ହ୍ରଦ, ବଡ଼ବଙ୍କପଟା ଏବଂ କଟୁରିଘସା ପାଟା ସମେତ ପ୍ରମୁଖ ଆର୍ଦ୍ରଭୂମି, ଚୁଡଙ୍ଗା ସଂରକ୍ଷିତ ଜଙ୍ଗଲ ଏବଂ କୃଷ୍ଣନଗର ସଂରକ୍ଷିତ ଜଙ୍ଗଲରେ ଅନେକ ଛୋଟ

# ଗୋ-ମାଫିଆଙ୍କୁ ଆଉ ନିସ୍ତାର ନାହିଁ

କେନ୍ଦୁଝର,୧୯।୧(ମହାଭାରତ):: ରାଜ୍ୟରେ ଗୋ-ମାଫିଆଙ୍କୁ ଆଉ ନିସ୍ତାର ନାହିଁ । ବଡ଼ ଧରଣର ଗୋ-ଚାଲାଣ ରାକେଟ୍ ଫରଦାଫାସ୍ ହୋଇଛି । ବେଆଇନ ଗୋରୁ ଚାଲାଣ କରି ହୋଇଛନ୍ତି କୋଟି କୋଟି ସମ୍ପତ୍ତିର ମାଲିକ । କେନ୍ଦୁଝର ଜିଲ୍ଲା ପୋଲିସ ଗିରଫ ୧୦ଜଣ ଗୋ-ମାଫିଆଙ୍କୁ କୋର୍ଟ ଚାଲାଣ କରିଛି ।

ସମସ୍ତ ଗୋ ମାଫିଆଙ୍କଠାରୁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ନଗଦ ରାଶି ଜବତ ହୋଇଥିବାବେଳେ ୫୦ କୋଟିରୁ ସ୍ଥାବର ଅସ୍ଥାବର ସମ୍ପତ୍ତିର ମାଲିକ । ଗିରଫ ଅଭିଯୁକ୍ତଙ୍କର ୫୦ଟି ବ୍ୟାଙ୍କ ଆକାଉଣ୍ଟ ସହିତ, ୨୦ରୁ ଊର୍ଦ୍ଧ୍ୱ ଲକର୍ ଖୋଲାଯିବା ପରେ ଗୋ ମାଫିଆମାନଙ୍କର ପ୍ରକୃତ ସମ୍ପତ୍ତିର ଆକଳନ କରାଯିବ । ଏହି ଅପରେସନ୍ ଜାରି ରହିଥିବା କହିଛନ୍ତି କେନ୍ଦୁଝର ଏସପି ନିତିନ କୁଶଲକର ।ଏନେଇ ଏସପି କହିଛନ୍ତି ବର୍ତ୍ତମାନ ସୁଦ୍ଧା ଗୋ ମାଫିଆଙ୍କ ବିରୁଦ୍ଧରେ ଅପେରସନ ଜାରି ରହିଛି । ଆଗକୁ ଏମାନଙ୍କ ଲିଙ୍କ କାହା ସହିତ ଥିଲା ତା ଉପରେ ମଧ୍ୟ ଯାଞ୍ଚ ଚାଲିବ । ଏଥିସହ ଗିରଫ ବ୍ୟକ୍ତିମାନଙ୍କ ବ୍ୟାଙ୍କ ଏକାଉଣ୍ଟ ଫ୍ରିଜ କରାଯିବା ସହ ସେମାନଙ୍କ ନାମ ରେ ଥିବା ଲକର ଖୋଲିବା ପାଇଁ ବ୍ୟାଙ୍କ ଗୁଡିକୁ ଜଣାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଶନିବାର ଓ ରବିବାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାରେ ବଡ଼ ଧରଣର ରେଡ୍ ହୋଇଥିଲା । ୫ଟି ଜିଲ୍ଲାରେ ଗୋ-ମାଫିଆଙ୍କ ୪୬ଟି ଠିକଣାରେ ଏକ ବଡ଼ ଧରଣର ଚଢ଼ାଉ କରିଥିଲା କେନ୍ଦୁଝର ଜିଲ୍ଲା ପୋଲିସ ।

## ଖଣି ଅଂଚଳରେ କଡାକଡି ହେବ ଯାଂଚ

ଭୁବନେଶ୍ୱର, ୧୯।୧(ମହାଭାରତ): ଖଣି ଅଂଚଳରେ ପରିବେଶ ପ୍ରଦୂଷଣ ନେଇ ସରକାରଙ୍କ ଚିନ୍ତା ବଢିଛି। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ କହିଛନ୍ତି ଯେ ଖଣି ଅଂଚଳରେ କଡାକଡି ଯାଂଚ ହେବ। ଯାଂଚ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଖଣି ଅଂଚଳରେ ପ୍ରବଳ ଧୂଳି ଉଡୁଥିବାରୁ ପରିବେଶ ପ୍ରଦୂଷଣ ହେଉଛି। ଟ୍ରକ ପାର୍କିଙ୍ଗ ଏବଂ ଖଣି ଗୁଡିକୁ ଆପ୍ରୋଚ ରୋଡରେ କଡାକଡି ଯାଂଚ ହେବ। ୫ ଜଣିଆ ଟିମ୍ ଯାଂଚ କରିବ। ଅନ୍ୟପଟେ ମନ୍ତ୍ରୀ କହିଛନ୍ତି ବିଗତ ଦିନରେ ପଦକ୍ଷେପ ସଫଳ ହୋଇଛି। କଟକଣା ଯୋଗୁଁ ଏକ୍ୟୁଆଇ ଡେଂଜର ଲେବୁଲରୁ ବାହାରିଛି।

# ଦୁଇ ଦୁର୍ଘଟଣାରେ ୧୪ ମୃତ

ଲାତେହାର/ମୁମ୍ବାଇ,୧୯।୧(ମହାଭାରତ):: ଝାଡ଼ଖଣ୍ଡର ଲାତେହାର ଜିଲ୍ଲାର ମହୁଆଦଣ୍ଡ ଥାନା ଅଞ୍ଚଳର ଓରସା ଘାଟିରେ ରବିବାର ଘଟିଥିବା ଭୟଙ୍କର ବସ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ହୋଇଥିବା ଅନ୍ୟ ୫ ଜଣଙ୍କର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେହିପରି ମହାରାଷ୍ଟ୍ରର ନାସିକ ଜିଲ୍ଲାର ମାଲେଗାଓଁ-ମନମାଡ ରାଜପଥର ବରାଡେ ଗ୍ରାମ ନିକଟରେ ଏକ ଘରୋଇ ବସ୍ ଏବଂ ପିକଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଚାରି ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି।

ଝାଡ଼ଖଣ୍ଡର ମୃତକମାନଙ୍କୁ ଚିହ୍ନଟ କରାଯାଇଛି। ମୃତକଙ୍କ ମଧ୍ୟରେ ସୀତାପତି ଦେବୀ, ପ୍ରେମା ଦେବୀ, ସୋନମତି ଦେବୀ, ରେସନ୍ତୀ ଚେରଓ୍ୱା, ସୁଖନା ଭୂୟାଁ, ବିଜୟ ନାଗେସିଆ, ଲୀଲାବତୀ ସୋନଓ୍ୱାନୀ, ରମେଶ ମାନିକା, ଫଗୁଆ ରାମ ଏବଂ ପର୍ଶୁରାମ ସୋନଓ୍ୱାନୀ ଅନ୍ତର୍ଭୁକ୍ତ। ଦୁର୍ଘଟଣାରେ ପ୍ରାୟ ୮୦ ଜଣ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ରାଞ୍ଚିର ରାଜେନ୍ଦ୍ର ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଏବଂ ଲାତେହାର ଏବଂ ନିକଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସମସ୍ତ ମୃତକ ଏବଂ ଆହତ ଛତିଶଗଡ଼ର ବଳରାମପୁର ଜିଲ୍ଲାର ବାସିନ୍ଦା ବୋଲି ବିଶ୍ୱାସ କରାଯାଉଛି। ରବିବାର ଦିନ, ଛତିଶଗଡ଼ର ବଳରାମପୁରର ଲୋକମାନେ ଏକ ବିବାହ ପାଇଁ ବସ୍ ରିଜର୍ଭ କରି ମହୁଆଦାନର ଲୋଧ ଗାଁକୁ ଯାଉଥିଲେ। ବସ୍ ଟି ଓରସା ଘାଟି ନିକଟରେ ନିୟନ୍ତ୍ରଣ ହରାଇ ଏକ ଗଭୀର ଘାଟିକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍ ରେ ଥିବା ପ୍ରାୟ ସମସ୍ତ ଯାତ୍ରୀ ଗୁରୁତର ଆହତ ହୋଇଥିଲେ।ସମସ୍ତଙ୍କୁ ମାଲେଗାଓଁ ଉପ-ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ମାଲେଗାଓଁ ଥାନା ପୋଲିସ ଘଟଣାର ତଦନ୍ତ କରୁଛି । ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି ଯେ, ଘରୋଇ ବସ୍ ଟି ପୁଣେରୁ ମାଲେଗାଓଁ ଅଭିମୁଖେ ଯାଉଥିଲା । ବସ୍ ଟି ବରାଡେ ଗ୍ରାମ ନିକଟରେ ପହଂଚିବା ମାତ୍ରେ ଏହା ସାମ୍ନା ପଟୁ ଆସୁଥିବା ଏକ ପିକଅପ୍ ସହିତ ଧକ୍କା ହୋଇଥିଲା। ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ଏବଂ ୨୦ ଜଣ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ, ମାଲେଗାଓଁ ଥାନା ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଂଚି ଗ୍ରାମବାସୀଙ୍କ ସହାୟତାରେ ସମସ୍ତ ଆହତଙ୍କୁ ମାଲେଗାଓଁ ଉପ-ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମୃତକଙ୍କ ମୃତଦେହ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ୍ ପାଇଁ ପଠାଯାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ, ମୃତକଙ୍କ ପରିଚୟ ମିଳିପାରି ନାହିଁ। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# କ୍ୟାପିଟାଲ ରିଜିଅନ୍ ରିଙ୍ଗରୋଡ୍ କାର୍ଯ୍ୟ ଆଗେଇ ନେବାକୁ ନିର୍ଦ୍ଦେଶ

## ଭୁବନେଶ୍ୱରରୁ କନ୍ଦରପୁରକୁ ସଂଯୋଗ ହେବ ନୂଆ ରାସ୍ତା

ଭୁବନେଶ୍ୱର, ୧୯।୧(ମହାଭାରତ): ନିର୍ମାଣ ବିଭାଗର ସମ୍ମିଳନୀ କକ୍ଷରେ ସୋମବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ରାସ୍ତା ପ୍ରକଳ୍ପର ନିର୍ମାଣ ଓ ପ୍ରଶସ୍ତୀକରଣ ନେଇ ଆଲୋଚନା ହୋଇଯାଇଛି । ଏଥିରେ ରାଜଧାନୀ ଭୁବନେଶ୍ୱରର ଚାରିପାଖରେ ନିର୍ମାଣ ହେବାକୁ ଥିବା ପ୍ରାୟ ୧୧୧ କିଲୋମିଟର ଦୀର୍ଘ କ୍ୟାପିଟାଲ ରିଜିଅନ୍ ରିଂ ରୋଡ୍ ନିର୍ମାଣ, ଜଙ୍ଗଲ ଓ ପରିବେଶ ବିଭାଗର ଅନୁମୋଦନ ଏବଂ ଜମି ଅଧିଗ୍ରହଣ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ସଚିବ ଶ୍ରୀ ସିଂହ ବିଭାଗୀୟ ଅଧିକାରୀ ଓ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ବର୍ତ୍ତମାନ ଦିନରେ କଟକ ସହରର ଭିଡ଼ ନିୟନ୍ତ୍ରଣ ଏବଂ ଭୁବନେଶ୍ୱରରୁ ଜଗତସିଂହପୁର ଏବଂ ପାରାଦୀପକୁ ସିଧାସଳଖ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଧାକୁଳେଇ ପୀଠ ନିକଟରୁ କନ୍ଦରପୁର ପର୍ଯ୍ୟନ୍ତ ଏକ ନୂଆ ଗ୍ରୀନ୍‌ଫିଲଡ ରୋଡ୍ ନିର୍ମାଣ ପାଇଁ ନକ୍ସା ଏବଂ ଡିପିଆର ପ୍ରସ୍ତୁତି ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଏହି ରାସ୍ତା ନିର୍ମାଣ ହେଲେ ଭୁବନେଶ୍ୱରରୁ ଜଗତସିଂହପୁର ଏବଂ ପାରାଦୀପକୁ ଯିବା ପାଇଁ ଆଉ କଟକ ସହର ଭିତର ଦେଇ ଯିବାକୁ ପଡ଼ିବ ନାହିଁ । ଏଥି ସହିତ ଭୁବନେଶ୍ୱରରୁ ଜଗତସିଂହପୁର ଏବଂ ପାରାଦୀପକୁ ଦୂରତ୍ୱ ହ୍ରାସ ପାଇବ । ଏଥି ସହିତ ଏହି ବୈଠକରେ ୨୦୬ କିଲୋମିଟରର ଦୀର୍ଘ କୋରାପୁଟ-ମୋହନା



ରାସ୍ତାର ପ୍ରଶସ୍ତିକରଣ ଏବଂ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଥିଲା । ସେହିପରି ଖୋର୍ଦ୍ଧା-ନୟାଗଡ଼ ରାସ୍ତାର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ ସହ ଡିପିଆର ଅନୁଯାୟୀ କାର୍ଯ୍ୟକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ନିର୍ମାଣ ବିଭାଗର ଇଆଇସି-ତଥା-ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ସୁନୀଲ କୁମାର, ଜାତୀୟ ରାଜପଥ(ଓଡ଼ିଶା)ର ମୁଖ୍ୟ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମୟ ସୀମା ମଧ୍ୟରେ ଦୂର ହେବ ଜମି ସମସ୍ୟା

ପୁରୀ୧୯।୧(ମହାଭାରତ): ଖୁବ ଶୀଘ୍ର ଆସିବ ଓଡିଶା ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ। ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଜମି ସମସ୍ୟା ଦୂର କରାଯିବକ୍ଷ ଏ ନେଇ ଆଜି ସୂଚ଼ନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀକ୍ଷ ମନ୍ତ୍ରୀ ଆଜି ପୁରୀ ଗ୍ରସ୍ତରେ ଯାଇଥିବା ବେଳେ ସୂଚ଼ନା ଦେଇ କହିଛନ୍ତି, 'ପୁରୀର ଜମି ସମସ୍ୟା ନେଇ ସମସ୍ତ ବିଭାଗ ସହ ଆଲୋଚ଼ନା କରାଯାଇଛି । ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି'।



ଓଡିଶା ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ ପାଇଁ ଆଜି ସନ୍ଧ୍ୟା ୫ଟାରେ ସଚ଼ିବାଳୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ଅନେକ ଆଇନକୁ ଏଥିରେ ସଂଶୋଧନ କରାଯାଉଛି । ଏହି ନୂତନ ଆଇନ ବହୁ ପୁରୁଣା ରାଜସ୍ୱ ଆଇନକୁ ବଦଳାଇବ, ଯାହା ଫଳରେ ନାଗରିକମାନେ ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ଜମି ରେକର୍ଡ ଏବଂ ମ୍ୟୁଟେସନ ପରିଚ଼ାଳନା କରିପାରିବେ। ତେବେ ଏହି ଆକ୍ଟରେ ସମସ୍ତ ଆଇନକୁ ସିଙ୍ଗଲ ଙ୍ଗସଭୟକ୍ଟଙ୍ଗ ବ୍ୟବସ୍ଥାରେ ପରିଣତ କରାଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



ଖବର

## ବର୍ଡର ୨ ସହିତ ରିଲିଜ୍ ହେବ ଧୁରନ୍ଧର ୨





ରଣବୀର ସିଂଙ୍କ ଫିଲ୍ମ 'ଧୁରନ୍ଧର' ୪୫ ଦିନ ପରେ ମଧ ବକ୍ସ ଅଫିସରେ ଜବରଦସ୍ତ ଘହୁଁଛି । ବର୍ଡର ୨ ସହିତ କଲେକ୍ସନ କରୁଛି । ଫିଲ୍ମଟି ୧୩୦୦ କୋଟି ଟଙ୍କାରୁ ଅଧିକ କଲେକ୍ସନ କରି ସାରିଛି । ଯାହା ଥମିବାର ନାଁ ଧରୁନି ମାର୍ଚ୍ଚ ୧୯ ତାରିଖରେ ପାର୍ଟ ୨ ରିଲିଜ୍ ହେବାକୁ ଯାଉଛି । ଯାହା ଦେଖିବାକୁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । କିନ୍ତୁ ଏହା ପୂର୍ବରୁ 'ଧୁରନ୍ଧର ଫିଲ୍ମର ପାର୍ଟ ୨ର ଝଲକ ଦେଖିବାକୁ ପାଇବେ ଦର୍ଶକ ।ଧୁରନ୍ଧର ପାର୍ଟ ୨ ଜାନୁଆରୀ ୨୩ ତାରିଖରେ ସନ୍ନି ଦେଓଲଙ୍କ ଫିଲ୍ମ ବର୍ଡର ୨ ସହିତ ହଲରେ ରିଲିଜ ହେବ । ଆଦିତ୍ୟ ଘରଙ୍କ ଫିଲ୍ମର ଏଣ୍ଡ କ୍ରେଡିଟ୍ ସିକ୍ୱେନ୍ସର ଟିଜର ପାଇଁ ପୁଣି ଏଡିଟ୍ କରାଯାଇଛି । ଏବେ ନୂଆ ଟିଜର ବର୍ଡର ୨ ସହିତ ଥିଏଟରରେ ରିଲିଜ୍ ହେବ । ଧୁରନ୍ଧର ୨ ଏବଂ ବର୍ଡର ୨ ଦୁଇଟି ଯାକ ରାଷ୍ଟ୍ରବାଦୀ ଫିଲ୍ମ । ଏକ ଷ୍ଟୁଡିଓ ଟିମ୍ ଦେଶଭକ୍ତି ଫିଲ୍ମର ଡିମାଣ୍ଡକୁ ବଢାଇବାକୁ ଥିଏଟରରେ ରିଲିଜ୍ ହେବା ପରେ ଏହାର ନୂଆ ଟିଜର ଡିଜିଟାଲ ଭାବରେ ରିଲିଜ୍ କରିବ । ଯାହାର ଟ୍ରେଲର ଫେବୃଆରୀ ଶେଷ ଭାଗରେ ମୁକ୍ତିଲାଭ କରିବ ।ବକ୍ସ ଅଫିସରେ ଧୁରନ୍ଧର ୨ ଯଶଙ୍କ ଟକ୍ସିକ୍ ସହିତ ଟକ୍ସିକ୍ ହେବ । ପ୍ରଥମେ ୟୁଜର୍ସଙ୍କୁ ଏହି ଫିଲ୍ମର ଡେଟ୍ ସ୍ଥାନାନ୍ତ କରାଯିବ ବୋଲି ଅନୁମାନ କରାଯାଉଥିଲା ।କିନ୍ତୁ ଫିଲ୍ମ ଡେଟ୍ ଘୁଞ୍ଚା ଯିବ ନାହିଁ ବୋଲି ଡାଇରେକ୍ଟର ସ୍ପଷ୍ଟ କରିଛନ୍ତି । ଧୁରନ୍ଧର ୨ ଟକ୍ସିକ ୨୦୨୬ରେ ବଡ଼ ସବୁଠାରୁ ବଡ଼ ଟକ୍ସିକ୍ ମଧ୍ୟରୁ ଗୋଟିଏ ହେବାକୁ ଯାଉଛି ।ବର୍ଡର ୨ ଫିଲ୍ମ ବିଷୟରେ କହିବାକୁ ଗଲେ, ଏଥିରେ ସନି ଦେଓଲ , ବରୁଣ ଧାୱନ, ଦିଲଜିତ ଦୋସାଞ୍ଜ ଏବଂ ଆହାନ ସେଟ୍ଟି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତ। ପ୍ରଶଂସକମାନେ ଏହି ଫିଲ୍ମ ପାଇଁ ବହୁତ ଉତ୍ସାହିତ।

## ଆଲମଣ୍ଡ ଖାଇଲେ ହୃତପିଣ୍ଡ ସୁସ୍ଥ ହୁଏ



ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ। ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନନ୍ଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ। ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନନ୍ଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ। ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ହୃସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି। ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ ଦୈନଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ। ପରିପୂର୍ଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ।

## ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିଥାଏ ଅଳସୀ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରାୟତଃ ସମସ୍ତଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଦେଖିବାକୁ ମିଳିଥାଏ । ଏପରି ସମସ୍ୟା ହେଲେ ଧମନୀରେ ରକ୍ତର ଚାପ ବଢିଯାଏ । ଯଦି ଆପଣ ଏହି ସମସ୍ୟାର ଚିକିତ୍ସା ନକରାନ୍ତି, ତେବେ ହାର୍ଟ ଆଟାକ, ଷ୍ଟ୍ରୋକ ଏବଂ କିଡନୀ ଫେଲ ହେବାର ଆଶଙ୍କର ରହିଥାଏ । ଯଦି ଆପଣଙ୍କ ରକ୍ତଚାପ ଲଗାତାର ଭାବେ ୧୨୦/୮୦ରୁ ଅଧିକ ରହିଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଉଚ୍ଚ ରକ୍ତଚାପକୁ କମ୍ କରିବାକୁ ହେଲେ ଆପଣ ଅନେକ କଥାକୁ ଧ୍ୟାନ ଦେବାକୁ ହେବ ।

ଯଦି ଆପଣ ଜଙ୍କ ଫୁଡ୍, ମଦ୍ୟପାନ, ସ୍ମୋକିଂ କରୁଛନ୍ତି, ତେବେ ତୁରନ୍ତ ଏହି ଜିନିଷରୁ ଦୂରେଇ ରୁହନ୍ତୁ । କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଅଳସୀ ଅର୍ଥାତ ଖାଇବା ଆରମ୍ଭ କରନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ ଫାଇଦାଯୁକ୍ତ । ଏହା ଅନେକ ରୋଗ ପାଇଁ ରାମବାଣ ହୋଇଥାଏ ।

ଏହାକୁ ଖାଇବା ସମୟରେ ଚୋବାଇ ଖାଇବା ଉଚିତ୍ । ଅନେକ ଲୋକ ଏହାକୁ ଭିଜାଇ ଖାଇବାକୁ ପସନ୍ଦ କରିଥାଏ । ଆପଣ ଯଦି ଚାହିଁବେ ଏହାକୁ ଗୁଣ୍ଡ କରି ପାଉଡର କରି ଖାଇପାରିବେ । ଏହା ବ୍ଲଡପ୍ରେସରକୁ କଣ୍ଟ୍ରୋଲ କରି ହାର୍ଟକୁ ସୁସ୍ଥ ରଖିଥାଏ । ଛଅମାସ ପର୍ଯ୍ୟନ୍ତ ପ୍ରତିଦିନ ଅଳସୀ ଖାଇବା ଉଚିତ୍ । ଫଳରେ ହାର୍ଟଆଟାକ ହେବାର ୧୦ ପ୍ରତିଶତ ଆଶଙ୍କା କମ୍ ହୋଇଯାଇଥାଏ ।



ଅଳସୀ ପୋଟାସିୟମ, ଓମେଗା ୩,ଫାଇବର ଭରପୂର ମାତ୍ରାରେ ରହିଥାଏ । ପୋଟାସିୟମ ୟୁରିନରେ ଥିବା ଅତିରିକ୍ତ ସୋଡିୟମକୁ ବାହାର କରିବାରେ କିଡନୀର ସାହାଯ୍ୟ କରିଥାଏ । ୧୦୦ ଗ୍ରାମ ଅଳସୀରେ ୮୧୩ ମିଲିଗ୍ରାମ ପୋଟାସିୟମ ରହିଥାଏ । ରକ୍ତ ଧମନୀ କୋଷିକାକୁ ମଜବୁତ କରିଥାଏ ଫାଇବର । ଯାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏଥିରେ ଥିବା ଆଲଫା ଲିନୋଲେନିକା ଏସିଡ ଏବଂ ଲିଗନାନ ଉଚ୍ଚ ରକ୍ତଚାପକୁ କଣ୍ଟ୍ରୋଲରେ ରଖିଥାଏ । ଯାହା। ପାଚନ ତନ୍ତ୍ର ଏବଂ ଡାଇବେଟିଜ ଜନିତ ରୋଗ ଆଶଙ୍କା କମ୍ କରିଥାଏ ।

## ଖୁବ ସ୍ୱତନ୍ତ୍ର ବାବା ଝାଡେଶ୍ୱରଙ୍କ ମହିମା, ଜାଣନ୍ତୁ ଏହାର ଇତିହାସ



ବାବା ଝାଡେଶ୍ୱର । ଦେବଗଡ ସହରବାସୀଙ୍କ ଆରାଧ ଠାକୁର ।ଇତିହାସରୁ ମିଳିଥିବା ତଥ୍ୟ ଅନୁସାରେ ବାମଣ୍ଡାର ଦଶମ ରାଜା ରାମଚନ୍ଦ୍ର ଦେବ ଏକଦା ଶିକାର ଉଦ୍ଦେଶ୍ୟରେ ଆମ୍ବୁଲପାଣି ଜଙ୍ଗଲକୁ ଯାଇଥିଲେ । ଶିକାର କରିବା ଉଦ୍ଦେଶ୍ୟରେ ବୁଲିଲା ବେଳେ ଦେଖିଲେ ଗୋଟିଏ ମାଳତୀଲତା ମୂଳରେ ଧବଳ ଡିମ୍ବାକୃତି ଶିଳାର ମସ୍ତକରେ ଏକ ନାଗସାପ ଫେଣା ଟେକି ରହିଛି । ସାପକୁ ରାଜା ବନ୍ଧୁକ ଉଠାଇ ଗୁଳି କରିଥିଲେ ।କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇ ଗୁଳି ପଥରରେ ବାଜିବାରୁ ବୋହି ଗଲିଲା ରକ୍ତଧାର । ଏହା ଦେଖି ରାଜା ଭୟଭୀତ ହୋଇପଡିଲେ। ଜାଣିଲେ ରକ୍ତ ବୋହୁଥିବା ପଥର ହିଁ ଶିବଲିଙ୍ଗ ।ସାଷ୍ଟାଙ୍ଗ ପ୍ରଣିପାତ ହେଲେ । ଦୋଷ ମାର୍ଜନା କରିବାକୁ ମହାଦେବଙ୍କୁ ପ୍ରାର୍ଥନା କଲେ। ଝାଡ଼ ମଧ୍ୟରୁ ଆର୍ବିଭାବ ହୋଇଥିବାରୁ ଝାଡେଶ୍ୱର ବାବା ନାମରେ ଝାଡ ମଧ୍ୟରେ ପୂଜାପାଇ ଆସୁଥିଲେ ମହାଦେବ ।ବାମଣ୍ଡାର ୨୪ତମ ରାଜା ବାଲୁଙ୍କା ବୃଷଭ ଦେବଙ୍କ ୫ ପୁତ୍ର ମଧ୍ୟରୁ ଦେବଦୁଲ୍ଲଭ ଦେବ ବାବା ଝାଡେଶ୍ୱରଙ୍କ ପାଇଁ ୧୮୫୪ରେ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଯାହା ଆଜି ମଧ ବିଦ୍ୟମାନ । ସମୟ କ୍ରମେ ମନ୍ଦିରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ବାବାଙ୍କ ମୁଖ୍ୟପର୍ବ ଶିବରାତ୍ରୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଧବଳେଶ୍ୱର ପୂଜା । ପ୍ରତିଦିନ ପ୍ରତ୍ୟୁଷରେ ମନ୍ଦିର ଖୋଲାଯାଇ ନୀତିକାନ୍ତି ସରିବା ପରେ ସକାଳ ସାଢେ ୬ଟାରେ ଭକ୍ତମାନେ ବାବାଙ୍କୁ ଦର୍ଶନ ପାଇଁ ସୁଯୋଗ ପାଇଥାନ୍ତି ।ଭକ୍ତଙ୍କ ମନସ୍କାମନା ବାବା ପୂର୍ଣ୍ଣ କରୁଥିବା ଭକ୍ତଙ୍କ ରହିଛି ବିଶ୍ୱାସ । ଏହି ଏତିହ୍ୟ ଭରା ଦେବଦୁର୍ଗ ଝାଡେଶ୍ୱର ବାବାଙ୍କ ନିକଟରେ ପହଞ୍ଚିବାକୁ ହେଲେ ଦେବଗଡ ସହର ଠାରୁ ୪ କିଲୋମିଟର ଯିବାକୁ ପଡିବ । ଟ୍ରେନରେ ଆସିଲେ ସମ୍ବଲପୁରରୁ ୯୦ କିଲୋମିଟର, ଝାରସୁଗୁଡ଼ାରୁ ୧୦୦ କିଲୋମିଟର ଓ ରାଉରକେଲାରୁ ୧୩୦ କିଲୋମିଟର ଦୂରରେ ରହିଛି ବାବାଙ୍କ ପୀଠ।

## ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ



ଅନ୍ୟ କାହା ସହ କଥାବାର୍ତ୍ତା ମଧ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.

■ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

■ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।

■ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

■ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

■ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

■ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

■ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।

■ ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

# ବିଏମ୍‌ସି ଓ ସିଜିଏମ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୯।୧ (ମହାଭାରତ):** ସହର ମଧ୍ୟରେ ଯାତାୟତ ଓ ପରିବହନକୁ ସୁଗମ କରିବା ଏଥିପାଇଁ ସହରାଞ୍ଚଳ ନୀତିକୁ ମାନି ଚଳିବା, ବିଶେଷ କରି ଚଲାବୁଲା, ପାଦଚଲା ରାସ୍ତା, ସାଇକେଲିଂ ଇତ୍ୟାଦି ଅଣ-ମୋଟର ଗମନାଗମନକୁ ପ୍ରୋତ୍ସାହିତ କରିବା ପାଇଁ ବିଏମ୍ ସି କର୍ତ୍ତୃପକ୍ଷ ସେଣ୍ଟର୍ ଫର୍ ଗ୍ରୀନ୍ ମୋବିଲିଟି (ସିଜିଏମ୍) ସଂସ୍ଥା ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛନ୍ତି ।

ସାରା ବିଶ୍ୱରରେ ଜଳବାୟୁ ପରିବର୍ତ୍ତନ ଓ ସବୁଜିମା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଐତିହ୍ୟ ଏବଂ ଆଧୁନିକତାକୁ ଯୋଡି ଆଗେଇଥିବା ସ୍ମାର୍ଟ ସିଟି ଭୁବନେଶ୍ୱର ନିଜ ଅଂଚଳରେ ଅଣମୋଟର ଯାତାୟତକୁ ଗୁରୁତ୍ୱ ଦେଇଛନ୍ତି ।ବିଶେଷ କରି ଶିଶୁ, ମହିଳା, ବୃଦ୍ଧ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀଙ୍କ ନିମନ୍ତେ ଏହି ସୁବିଧା କରିବା ପାଇଁ ରଣନୀତି ପ୍ରସ୍ତୁତ ହେବ । ପ୍ରଶିକ୍ଷଣ, କର୍ମଶାଳା, ଏକ୍ସପୋଜର ପରିଦର୍ଶନ, ବୈଷୟିକ ମାର୍ଗଦର୍ଶନ ଏବଂ ଅଣମୋଟର ଗମନାଗମନ ଯୋଜନା, ଡିଜାଇନ୍, ସୁରକ୍ଷା ଓ ପରିଚାଳନା ଉପରେ ଜ୍ଞାନ ବିନିମୟ ମାଧ୍ୟମରେ ସଂସ୍ଥାଗତ ଦକ୍ଷତା ବୃଦ୍ଧି କରିବା। ପଥଚାରୀଙ୍କ ସୁରକ୍ଷା, ସାଇକେଲ ଚାଳନା ସଂସ୍କୃତି ଏବଂ ସ୍ଥାୟୀ ଗତିଶୀଳତା ଅଭ୍ୟାସ ଗ୍ରହଣ ଉପରେ ଧ୍ୟାନ ଦେଇ ଗୋଷ୍ଠୀ ଅଂଶଗ୍ରହଣ, ଜନ ସଚେତନତା ସାଙ୍ଗକୁ ଏହି ପ୍ରକାର ପରିବେଶ ଅନୁକୂଳ ଗମନାଗମନ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ତାଲିମ ପ୍ରଦାନ କରିବେ । ଏଥିରେ ବିଭିନ୍ନ ବର୍ଗଙ୍କୁ ସାମିଲ କରାଯିବ । ବିଏମ୍ ସି ଅଞ୍ଚଳରେ ଚାଲିବା, ସାଇକେଲ ଚାଳନା ଏବଂ ଅନ୍ୟାନ୍ୟ ଅଣ-ମୋଟର ଯୁକ୍ତ ଯାତାୟତ ପାଇଁ ଏକ ନିରାପଦ, ସୁଲଭ ଏବଂ ଲାଭ ଦାୟକ ଭିତ୍ତିଭୂମି ସୃଷ୍ଟି କରିବାରେ ବିଏମ୍ ସିକୁ ବୈଷୟିକ ସହାୟତା କରିବ ସିଜିଏମ୍। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଏମ୍ ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ଡେପୁଟି କମିଶନର ଏନ୍ ଗଣେଶ ବାବୁଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ସିଜିଏମ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବଙ୍କିମ କାର୍ଲା ଉପସ୍ଥିତ ଥିଲେ।



# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ‘ପ୍ରଗତି ପ୍ରବାହ’ ଉନ୍ମୋଚିତ

**ଭୁବନେଶ୍ୱର, ୧୯।୧ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉନ୍ମୋଚିତ ହୋଇଛି ରାଜ୍ୟସରକାରଙ୍କ ମୁଖପତ୍ର ‘ପ୍ରଗତି ପ୍ରବାହ’। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟ ଠାରେ ଉନ୍ମୋଚନ କରିଥିଲେ। ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ଏବଂ ଏହି ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଥିଲେ। ‘ପ୍ରଗତି ପ୍ରବାହ’ର ଉନ୍ମୋଚନ ସମୟରେ ଝାରସୁଗୁଡା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ। ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ଅଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ କିଷାନ ଓ ’ସିଏମ- କିଷାନ’ ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ‘ଆମ ସରକାର ଚାଷୀ ମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀ ଟିଏ ଆଜି ପ୍ରଧାନମନ୍ତ୍ରୀଙ୍କ ‘ଆତ୍ମନିର୍ଭରଶୀଳ ଭାରତ’ର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହାକି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ସଫଳ ଚାଷୀ ଶ୍ରୀ ବିଶିଙ୍କ ସହ କଥା ହୋଇ ତାଙ୍କୁ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।



# ଧାନକିଣା ଅବ୍ୟବସ୍ଥା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର, ୧୯।୧ (ମହାଭାରତ):** ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଜୀବନ ସାର୍ଥକ ଦାସଙ୍କ ନେତୃତ୍ୱରେ ଶନିବାର ଝାରସୁଗୁଡ଼ା ଠାରେ ମନରେଗା ଉଚ୍ଛେଦ, ବିଜୁଳି ଚକ୍ରାନ୍ତ, ଧାନ କିଣା ଅବ୍ୟବସ୍ଥା ବିରୋଧରେ କଂଗ୍ରେସର ମହାସମାବେଶ ଆୟୋଜିତ ହୋଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପ୍ରଥମେ ପିସିସି ସଭାପତି, ଓଡ଼ିଶା ପ୍ରଭାରୀ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ପୁରୁଣା ବସଷ୍ଟାଣ୍ଡ ଛକଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ଏବଂ ଏହାପରେ ବେରାମାଳ ଛକରେ ଦୁର୍ଗାମନ୍ଦିର ଦର୍ଶନ କରିବା ସହ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ବିଶାଳ ଶୋଭାଯାତ୍ରା ଏମସିଏଲ ଅଡିଟୋରିୟମ ପାଖରେ ପହଂଚିଥଲା ଏବଂ ସେଠାରେ ଆୟୋଜିତ ସଭାରେ ପିସିସି ସଭାପତି କହିଥିଲେ ଯେ ଝାରସୁଗୁଡ଼ା ଜିଲ୍ଲାର ଅଧିବାସୀ ଏକ ବିଷାକ୍ତ ପରିବେଶ ବଳୟ ଭିତରେ କାଳତିପାତ କରୁଛନ୍ତି । କଂଗ୍ରେସ ଝାରସୁଗୁଡ଼ାରେ ଶିଳ୍ପାୟନ କରିଛି । ଶିଳ୍ପ ବିକାଶ ପାଇଁ ସମସ୍ତ ସୁଯୋଗ ଦେଇଛି । କିନ୍ତୁ ଶିଳ୍ପପତିମାନେ ଝାରସୁଗୁଡ଼ା ବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି । ଝାରସୁଗୁଡ଼ାରୁ ପ୍ରଚୁର ଖଣିଜ ଦ୍ରବ୍ୟ ଉତ୍ତୋଳନ ହେଉଛି । ଶିଳ୍ପପତିମାନେ ଲାଭବାନ ହେଉଛନ୍ତି ମାତ୍ର ଝାରସୁଗୁଡ଼ା ବାସିନ୍ଦା ଓ ଝାରସୁଗୁଡ଼ାର ଗରିବଲୋକମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ଯଦି ଆମେ ପରିବେଶ ପାଇଁ ଲଢ଼େଇ ନକରିବା ବା ଜାଗ୍ରତ ନହେବା ଝାରସୁଗୁଡ଼ା ଭବିଷ୍ୟତରେ ମଣିଷ ପାଇଁ ଆଉ ବାସପୋଯୋଗୀ ରହିବ ନାହିଁ । ଝାରସୁଗୁଡ଼ାବାସୀଙ୍କ ପାଇଁ ଝାରସୁଗୁଡ଼ାରେ ଏକ ଭଲ ହସପିଟାଲ ନହୋଇପାରିବା ଦୁର୍ଭାଗ୍ୟଜନକ । ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ସରକାରଙ୍କ ବିଜୁଳି ଉପଭୋକ୍ତା, ଚାଷୀ ଏବଂ ମୋଟରଗାଡ଼ି ଚାଳକ ମାରଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ । ଏମାନଙ୍କର ସ୍ୱର ଆଜି କଂଗ୍ରେସର ସ୍ୱର ବୋଲି ସେ କହିଥିଲେ।



# ୨୮ରେ ଓଡ଼ିଶା ବନ୍ଦ

**ଭୁବନେଶ୍ୱର, ୧୯।୧ (ମହାଭାରତ):** ରାଜ୍ୟରେ ଧାନ ମଣ୍ଡି ଖୋଲିବାରେ ଏବଂ ଧାନ ବିକ୍ରିରେ ଅବ୍ୟବସ୍ଥାର ଶୀକାର ହୋଇଥିବା ଚାଷୀଙ୍କ ପାଇଁ, ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ୍ ନେବା ଏବଂ ବିଜୁଳି ବିତରଣ କଂପାନୀ ଟାଟା ପାୱାରର ଲୁଟର ପ୍ରତିବାଦ ଏବଂ ନବନିର୍ମାଣ ନେତୃତ୍ୱ ଉପରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀଙ୍କ ଗୁଣ୍ଡାଙ୍କ ଦ୍ୱାରା ଆକ୍ରମଣର ପ୍ରତିବାଦରେ ଆଗାମୀ ଜାନୁୟାରୀ ୨୮ ତାରଖରେ ନବନିର୍ମାଣ କୃଷକ ସଂଗଠନ ଦ୍ୱାରା ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି। ଶନିବାର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏ ପର୍ଯ୍ୟନ୍ତ ଚାଷୀମାନେ ଟୁକନ୍ ପାଇପାରି ନାହାଁନ୍ତି, ଟୁକନ୍ ମିଳିଲେ ସେଥିରେ ଗତ ବର୍ଷ ୪୦ କ୍ୱିଣ୍ଟାଲ ବିକିଲା ବେଳେ ଏ ବର୍ଷ ୧୦ କ୍ୱିଣ୍ଟାଲ ଓ ୨୦ କ୍ୱିଣ୍ଟାଲ ଆସୁଛି, ପ୍ରତିମଣ୍ଡିରେ ଏଫ. ଏ. କିୟୁ ନାମରେ ପ୍ରାୟତଃ ଅତିକମରେ ୩/୫ କେଜି ପର୍ଯ୍ୟନ୍ତ କ୍ୱିଣ୍ଟାଲ ପ୍ରତି କାଟ ନିଆଯାଉଛି।

# ରାଜ୍ୟ ସରକାରଙ୍କ ବଜେଟ୍ ପ୍ରସ୍ତୁତି

**ଭୁବନେଶ୍ୱର, ୧୯।୧ (ମହାଭାରତ):** ୨୦୨୬-୨୭ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଗାମୀ ବଜେଟରେ ସରକାର ରାଜ୍ୟବାସୀଙ୍କ ପାଇଁ ଆଣିପାରନ୍ତି ବଡ ଭେଟି । ସେଥିପାଇଁ ମାସାଧିକ ଆଗରୁ ବଜେଟର ରୂପରେଖ ପ୍ରସ୍ତୁତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ରାଜ୍ୟ ସରକାର।

ଆଜି ଠୁ ଦୁଇ ଦିନ ଧରି ବିଭାଗୀୟ ମୁଖ୍ୟ ମାନଙ୍କ ସହ ଆଲୋଚନା ଆରମ୍ଭ କରିବେ ସରକାର । ଅର୍ଥ ବିଭାଗ ନେବ ରିପୋର୍ଟ କାର୍ଡ। ୧୭ରୁ୧୯ତାରିଖ ଅର୍ଥାତ୍ ଦୁଇ ଦିନ ଧରି ବଜେଟ୍ ପାଇଁ ହେବ ମାନସ ମନ୍ଥନ । ଲୋକସେବା ଭବନରେ ଯୋଜନା ଓ ସଂଯୋଜନା ବିଭାଗର ସମ୍ମିଳନୀ କକ୍ଷରେ ସମସ୍ତ ବିଭାଗକୁ ନେଇ ହେବ ବିଚାର ବିମର୍ଷ। ଭିଜନ ୨୦୩୬ଓ ୨୦୪୭କୁ ଆଖି ଆଗରେ ରଖି କଣ ବଜେଟ୍ ପାଇଁ ପ୍ରସ୍ତାବ ବିଭାଗ ମାନ ରଖିଛନ୍ତି ତାର ଚିଠା ପ୍ରସ୍ତାବ ସଚିବ ମାନେ ରଖିବେ। ୧୭ତାରିଖ ଅର୍ଥାତ ଆଜି ପାଞ୍ଚଟି ବିଭାଗର ବଜେଟ୍ ପ୍ରସ୍ତୁତି ନେଇ ଆଲୋଚନା ଥିବା ବେଳେ ୧୯ତାରିଖରେ ୧୨ଟି ବିଭାଗର ବଜେଟ୍ ରୂପ କଣ ଓ ତାର ଆକାର କେତେ ରହିବ ତାକୁ ନେଇ ହେବ ସମୀକ୍ଷା । ନିକଟରେ ଖାରବେଳ ଭବନରେ ସଚିବ ସ୍ତରୀୟ ବୈଠକରେ ସମସ୍ତ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ଗଲା ଆର୍ଥିକ ବର୍ଷର ବଜେଟ କୁ ଯଥା ଶୀଘ୍ର ଲୋକଙ୍କ ପାଇଁ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କାହିଁକି ନା ବର୍ତ୍ତମାନ ସୁଦ୍ଧା ୫୦ପ୍ରତିଶତରୁ ଅଧିକ ଖର୍ଚ୍ଚ ହୋଇଛି । ଯାହା କି ନରସ୍ୟ ଜନକ ରହିଛି । ୨ଲକ୍ଷ ୯୦ହଜାରରୁ ଅଧିକ ବଜେଟ୍ ୨୦୨୫-୨୬ ଆର୍ଥିକ ବର୍ଷରେ ଆଣିଥିଲେ ମୁଖ୍ୟମନ୍ତ୍ରୀ । ଚଳିତ ବଜେଟରେ ୩ ଲକ୍ଷ କୋଟି ଅତିକ୍ରମ କରିବା ସମ୍ଭାବନା ରହିଛି ।

# ୨୨ଜିଲ୍ଲାରେ ୮୬୨ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୧୯।୧ (ମହାଭାରତ):** ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ୨୨ ଟି ଜିଲ୍ଲାର ବିଭିନ୍ନ ସ୍କୁଲରେ ଉନ୍ନତି ପାଇଁ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ ଗୋଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧.୯୧ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡଃ ଏନ୍. ତିରୁମାଲା ନାଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ନୈତୃତ୍ୱରେ ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଗୁରୁତ୍ୱ ଦେଇ ଡଃ ନାଏକ ଆଲୋଚନା କରିଛନ୍ତି। ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସମ୍ପ୍ରଦାୟ ୪ କୋଟି ୪୧ ଲକ୍ଷ ୬୫ ହଜାର ୫୮୨ ଟଙ୍କାର ଆର୍ଥିକ ସହଭାଗିତା ଦେଇଛନ୍ତି। ସେମାନଙ୍କ ସହଭାଗିତା ସହ ପଞ୍ଚସଖା ଶିକ୍ଷା ସେତୁ ଦୁଇଗୁଣା ଅନୁଦାନ ମିଶାଇ ମୋଟ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ ଗୋଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରି ମିଳିଛି।

ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ, ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ତଥା ବିତ୍ତ ଅଧିକାରୀ ଶିବାଶିଷ ଧଳ, ଅତିରିକ୍ତ ବିତ୍ତ ଅଧିକାରୀ ରମେଶ ଚନ୍ଦ୍ର ଘଡେଇ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ କୁମାର ପାଢୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମନୋରମା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଏସ୍.ପି ପଣ୍ଡା, ଆର୍‌ଆଣ୍ଡବିର ଜଗଜୀବନ ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀମତୀ ରାଜଲକ୍ଷ୍ମୀ ଦାଶ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର, ଓ ବିତ୍ତ ଅଧିକାରୀ ଶ୍ରୀମତୀ ଇତିଶ୍ରୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମାଲକାନଗିରିରେ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

**ଭୁବନେଶ୍ୱର,୧୯।୧ (ମହାଭାରତ):** ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ଶ୍ରୀମତୀ ପାଢ଼ୀ। ପ୍ରମୁଖ ଶାସନ ସଚିବ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ପହଞ୍ଚିବା ପରେ ସର୍ବ ପ୍ରଥମେ ଗୋବିନ୍ଦପାଲି ଗସ୍ତ କରି ବସ୍ ଷ୍ଟାଣ୍ଡ ର ସ୍ଥିତି ସମୀକ୍ଷା କରିଥିଲେ। ତତ୍ ପରେ ମାଥିଲି ସ୍ଥିତ ନୂତନ ଭାବେ ନିର୍ମାଣଧିନ ବସ୍ ଷ୍ଟାଣ୍ଡ ମଧ୍ୟ ବୁଲି ଦେଖିଛନ୍ତି ପ୍ରମୁଖ ଶାସନ ସଚିବ। ମାଲକାନଗିରି ପହଞ୍ଚିବା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିବା ସହ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ପରେ ପୌର ପରିଷଦ ମାଲକାନଗିରି ର ନୂତନ ଭାବେ ନିର୍ମିତ ହେଉଥିବା କୋଠା ବୁଲି ଦେଖିଛନ୍ତି । ସେହିପରି ପୌର ପରିଷଦର ଏମଭି ୪୨ ସ୍ଥିତ ଜବରଦସ୍ତି କଲୋନୀରେ ସ୍ୱଚ୍ଛ ଭାରତ ଅଧୀନରେ କାର୍ଯ୍ୟ କରୁଥିବା କମ୍ପୋଷ୍ଟ ସେଣ୍ଟର୍ ଠାରେ କାର୍ଯ୍ୟରତ ସ୍ୱଚ୍ଛ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିଛନ୍ତି ଶ୍ରୀମତୀ ପାଢ଼ୀ। ସ୍ୱଚ୍ଛ କର୍ମଚାରୀଙ୍କ କଣ ସବୁ ସମସ୍ୟା ରହିଛି, ସେମାନଙ୍କର ଜୀବନ ଜୀବିକା ରେ କିଭଳି ଉନ୍ନତି ହୋଇପାରିବ ସେଥି ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବି ବି ଗୁଡା ଟ୍ୟାଙ୍କ ପରିଦର୍ଶନ କରି ଜଳ ସଂରକ୍ଷଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପୌର ପରିଷଦ ର ଅଧିକାରୀ ଏଥି ନିମନ୍ତେ ୨ କୋଟି ଟଙ୍କାର ଆର୍ଥିକ ପାଣ୍ଠି ଆବଶ୍ୟକତା ରହିଛି ବୋଲି ସଚିବଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଡିପିଆର ପ୍ରସ୍ତୁତ କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦେବା ସହ ପାଣ୍ଠି ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ପ୍ରମୁଖ ଶାସନ ସଚିବ। ସେ ସହରରେ ନିର୍ମାଣ ଚାଲିଥିବା ବସ୍ ଷ୍ଟାଣ୍ଡ କାର୍ଯ୍ୟ ର ଅଗ୍ରଗତି ମଧ୍ୟ ତଦାରଖ କରିଥିଲେ। ବସ୍ ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେହିପରି ଏୟାରଷ୍ଟ୍ରିପ ପରିଦର୍ଶନରେ ଯାଇ ରାସ୍ତା ଓ କୋଠାବାଡ଼ି ବିଭାଗ ଯନ୍ତ୍ରୀଙ୍କ ସହ ଏହାର ସ୍ଥିତି ଓ ରହିଥିବା ସମସ୍ୟା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କିଭଳି ଶୀଘ୍ର ଏୟାର ଷ୍ଟ୍ରିପ କାର୍ଯ୍ୟକ୍ଷମ ହେବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ ପୌର ପରିଷଦ ଦ୍ୱାରା ପରିଚାଳିତ ଆଦର୍ଶ ଶ୍ମଶାନ ଗସ୍ତ କରି ଏହାର ରକ୍ଷଣାବେକ୍ଷଣ ବୁଲି ଦେଖିଥିଲେ।



# ବେଗୁନିଆରୁ ଆରମ୍ଭ ହେଲା ସାଂସଦ ଚିକିତ୍ସା ଶିବିର

**ଭୁବନେଶ୍ୱର,୧୯।୧ (ମହାଭାରତ):** ନୂଆବର୍ଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନୂଆ ପଦକ୍ଷେପ। ସାଂସଦୀୟ କ୍ଷେତ୍ର ଅଧିନରେ ଥିବା ସମସ୍ତ ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ ସାଂସଦ ଚିକିତ୍ସା ଶିବିର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଶିବିରକୁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ-ବୋଲଗଡ ନିର୍ବାଚନମଣ୍ଡଳୀର ବେଗୁନିଆଠାରେ ଉଦଘାଟନ କରାଯାଇଛି। ପ୍ରତ୍ୟେକ ମାସର ତୃତୀୟ ରବିବାରରେ ଏଣିକି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବ୍ଲକ ସ୍ତରରେ ଆୟୋଜନ ହେବ ସାଂସଦ ଚିକିତ୍ସା ଶିବିର। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧିନରେ ରହିଥିବା ମୋଟ୍ ୮ଟି ବ୍ଲକରେ ସାଂସଦ ଚିକିତ୍ସା ଶିବିର ଆଗାମୀ ଦିନରେ ଆୟୋଜନ ହେବା ନେଇ ଉଦଘାଟନ ଅବସରରେ ମତ ରଖିଛନ୍ତି ଭୁବନେଶ୍ୱର ସାଂସଦ।

ରବିବାର ସକାଳ ୮ଟାରୁ ବେଗୁନିଆର ଗୋପବନ୍ଧୁ ପିଏମ ଶ୍ରୀ ହାଇସ୍କୁଲ ପରିସରରେ ପ୍ରଥମ ସାଂସଦ ଚିକିତ୍ସା ଶିବିର ଆରମ୍ଭ ହୋଇଥିଲା। ସାଂସଦ ଅପରାଜିତା ଷଡ଼ଙ୍ଗୀ ଫିତା କାଟି ଏହାର ଶୁଭ ଉଦଘାଟନ କରିଥିଲେ। ଏହି ସାଂସଦ ଚିକିତ୍ସା ଶିବିରରେ ପ୍ରାୟ ୧୦ଟି ଗାଁର ୫୫୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବିତରଣ କରାଯାଇଥିଲା। ସାଂସଦ ଚିକିତ୍ସା ଶିବିରରେ ବିଭିନ୍ନ ବିଭାଗ ଯେପରିକି ମେଡିସିନ, ପେଡିଆଟ୍ରିକ୍, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଅର୍ଥୋପେଡିକ, ଆଖି, ଦାନ୍ତ, ସର୍ଜରୀ ବିଭାଗର ବରିଷ୍ଠ ଚିକିତ୍ସକ ସାମିଲ ହୋଇଥିଲେ। ରକ୍ତ ପରୀକ୍ଷାରୁ ଆରମ୍ଭ କରି ମଧୁମେହ, ବିପି, ଓଜନ ମାପଠାରୁ ସମସ୍ତ ପ୍ରାରମ୍ଭିକ ଚିକିତ୍ସା ସୁବିଧା ଏହି ଶିବିରରେ ଉପଲବ୍ଧ ହୋଇଥିଲା ଏହି ଅବସରରେ ଶିବିରକୁ ଆସିଥିବା ଲୋକଙ୍କ ସହିତ ସାଂସଦ ଅପରାଜିତା ବ୍ୟକ୍ତିଗତ ଭାବେ କଥା ହୋଇ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଚିକିତ୍ସା ଶିବିର ବାଂକୋଇ ସିଏଚସି, ଖୋର୍ଦ୍ଧା ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲର ବରିଷ୍ଠ ଡାକ୍ତର ଏବଂ ମେଡିକାଲ୍ ଟିମ୍ ସାମିଲ ହୋଇ, ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ। ଚିକିତ୍ସା ଶିବିର ଉଦଘାଟନ ଅବସରରେ ଭୁବନେଶ୍ୱର ସାଂସଦ ମହୋଦୟା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ୍ଷ ନିର୍ଦ୍ଦେଶ କ୍ରମେ ସମସ୍ତଙ୍କ (ବିଶେଷତଃ ମହିଳା ମାନଙ୍କ) ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଏହି କାର୍ଯ୍ୟକ୍ରମର ଏକମାତ୍ର ଉଦ୍ଦେଶ୍ୟ କାର୍ଯ୍ୟକ୍ରମର ଲକ୍ଷ୍ୟ ମୋ ସଂସଦୀୟ କ୍ଷେତ୍ର ଅଂଚଳରେ ବସବାସ କରୁଥିବା ସମସ୍ତେ ନାଗରିକ ସୁସ୍ଥ ରହିବେ, ଶିବିରର ନିଶୁଳ୍କ ସେବାର ସୁବିଧା ନେବେ ଏଥିପାଇଁ ସଂସଦୀୟ କ୍ଷେତ୍ର ଅଧିନରେ ଥିବା ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ।



# ଯୋଜନା ପ୍ରସ୍ତୁତ କରିବାକୁ ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୧ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମେୟର ଶ୍ରୀମତୀ ସୁଲୋଚନା ଦାସ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିମଳ, ଜନସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ବିରଞ୍ଚି ନାରାୟଣ ମହାସୂପକାର, ସାଂସ୍କୃତିକ ଓ ଶିକ୍ଷା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ୱାର୍କ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଧର ବେହେରା ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ମଲ୍ଲିଆ, ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ବିପ୍ଳବ ବେହେରା, ଶ୍ରୀମତୀ ଆସିଆ ବେଗମ୍, ଶ୍ରୀମତୀ ଭାରତୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ବିଏମ୍ ସିର ଅତିରିକ୍ତ କମିଶନର ରତ୍ନାକର ସାହୁ, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ମୁଖ୍ୟ ବିତ୍ତ ଅଧିକାରୀ ଦିପକ ରଂଜନ ବେହେରା, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଅଶୋକ କୁମାର ଦାସଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ । ଗତବର୍ଷର ବଜେଟ୍ ଅନୁଧ୍ୟାନ କରିବା ସହ ଚଳିତ ବର୍ଷ କଣ କଣ ନୂତନ ପ୍ରକଳ୍ପ ହାତକୁ ନେବେ ଏବଂ ତାର ଯଥାର୍ଥତା ପ୍ରତିପାଦନ ପୂର୍ବକ ବଜେଟ୍ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଯଥାଶୀଘ୍ର ବିଏମ୍ ସିର ସମସ୍ତ ଉପବିଭାଗ ନିଜ ନିଜର କାର୍ଯ୍ୟ ଯୋଜନା ସହ ବଜେଟ୍ ପ୍ରସ୍ତୁତ କରି ଆଗାମୀ ଫାଇନାନ୍ସ କମିଟିରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉପବିଭାଗଗୁଡିକରୁ ଚିଠା ବଜେଟ୍ ପ୍ରସ୍ତାବ ମିଳିବା ପରେ ଏହାକୁ ଭିତ୍ତିକରି ୨୦୨୬-୨୭ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ ହେବ।

# ପ୍ରତିରକ୍ଷାରେ ଆତ୍ମନିର୍ଭର

ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥାର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ। ଏହା ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ୍ୟ ବଢୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାର ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି । ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି।

# ବଙ୍ଗଳାଦେଶର ଭବିଷ୍ୟତ

|| ଡ. ସମନ୍ୱୟ ନନ୍ଦ ||

> “ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କର ସ୍ଥିତି ଦୟନୀୟ ହୋଇଛି । ପାକିସ୍ତାନ ନିର୍ମାଣ ହେବା ଦିନ ଠାରୁ ସେମାନଙ୍କ ଉପରେ ଅତ୍ୟାଚାର ଜାରୀ ରହିଛି ଓ ଧୀରେ ଧୀରେ ହିନ୍ଦୁ ମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ପାକିସ୍ତାନରୁ ଅଲଗା ହୋଇ ବଙ୍ଗଳାଦେଶ ତିଆରି ହେବା ପରେ ସେଠାରେ ଅନ୍ୟ ଇସଲାମୀ ଦେଶ ଭଳି ସାଧାରଣ ଲୋକ ମାନଙ୍କର ରେଡିକାଲାଇଜେସନର ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା। ଏହି କାର୍ଯ୍ୟ ପଛରେ ଥିଲା ଜମାତ-ଏ-ଇସଲାମୀ । ଏହି ସଂଗଠନ ଓ ଏହା ଦ୍ୱାରା ସେଠାରେ ହିନ୍ଦୁ ମାନଙ୍କ ଉପରେ ଲଗାତାର ଆକ୍ରମଣ ହେଉଛି।

ବଙ୍ଗଳାଦେଶରେ ସାଧାରଣ ନିର୍ବାଚନ ସମ୍ପନ୍ନ ହେବା ପରେ ଫଳାଫଳ ମଧ ଆସିଛି । ଶେଖ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ ପୁଣି ଥରେ ବିଜୟୀ ହୋଇଛି । ବିରୋଧୀ ବଙ୍ଗଳାଦେଶ ନ୍ୟାସନାଲିଷ୍ଟ ପାର୍ଟି ଏହି ନିର୍ବାଚନକୁ ବହିଷ୍କାର କରିଥିଲା । ଶେଖ ହସିନାଙ୍କ ଦଳ ସଂସଦର ୩ ଶହ ଆସନରୁ ଦୁଇ ତୃତୀୟାଂଶରେ ବିଜୟୀ ହୋଇ ପଂଚମ ଥର ପାଇଁ ସରକାର ଗଠନ କରିଛି । ଏହି ନିର୍ବାଚନରେ ଆସିଥିବା ଫଳାଫଳ ଭାରତ ପାଇଁ ଭଲ ସଂକେତ ବୋଲି କୁହାଯାଇ ପାରେ । ତେବେ ବଙ୍ଗଳାଦେଶ ନିର୍ବାଚନ ଫଳାଫଳ ଆମେରିକା ପାଇଁ ଏକ ବଡ ଝଟକା ବୋଲି ମନେ କରାଯାଉଛି । କାରଣ ଆମେରିକା ବଙ୍ଗଳାଦେଶରେ ରିଜିମ ପରିବର୍ତ୍ତନ ପାଇଁ ଖୋଲାଖୋଲି ଅଭିଯାନ ଚଳାଇଥିଲା ।

ଶେଖ ହସିନା ସରକାରଙ୍କୁ ହଟାଇ ସେଠାରେ ବିଏନପି ଓ ଜମାତ ଏ ଇସଲାମୀର ମେଂଟ ସରକାର ସ୍ଥାପିତ କରିବା ପାଇଁ ଆମେରିକାର ଇଚ୍ଛା ଥିଲା । ବଙ୍ଗଳାଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଓ ଶେଖ ହାସିନା ସରକାରଙ୍କୁ ହଟାଇ ତା ସ୍ଥାନରେ ବିଏନପି ସରକାରକୁ ସ୍ଥାପିତ କରିବାକୁ ଆମେରିକା ଭରପୂର ପ୍ରୟାସ କରିଥିଲା। ୨୦୨୦ ପର ଠାରୁ ଆମେରିକାର ଶେଖ ହସିନାଙ୍କୁ ହଟାଇବାର ଇଚ୍ଛା ସ୍ପଷ୍ଟ ହେବାରେ ଲାଗିଥିଲା । ଆମେରିକା ଯେତେବେଳେ କୌଣସି ଦେଶରେ ଶାସନ ପରିବର୍ତ୍ତନ କରିବାକୁ ଇଚ୍ଛା କରେ ସେତେବେଳେ ଉକ୍ତ ଦେଶରେ ମାନବିକ ଅଧିକାରର ଉଲ୍ଲଂଘନ ହେଉଛି ବୋଲି କହିଥାଏ । ବଙ୍ଗଳାଦେଶରେ ମଧ ଆମେରିକା ଠିକ ଏଇଆ ହିଁ କରିଥିଲା । ୨୦୨୧ ମସିହାରେ ଆମେରିକା ବଙ୍ଗଳାଦେଶରେ ମାନବିକ ଅଧିକାରର ଉଲ୍ଲଂଘନ ହେଉଛି ବୋଲି ସମାଲୋଚନା କରିଥିଲା । ଏହାର ପରବର୍ତୀ ପଦକ୍ଷେପ ସ୍ୱରୂପ ବଙ୍ଗଳାଦେଶର ରାପିଡ ଆକ୍ସନ ବାଟାଲିୟନ ଉପରେ କଟକଣା ଲଗାଇଥିଲା । ଏହା ପରେ ବଙ୍ଗଳାଦେଶରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ଖୋଲାଖୋଲି ଭାବେ ସେଠାକାର ରାଜନୈତିକ ସ୍ଥିତିରେ ହସ୍ତକ୍ଷେପ କରିଥିଲେ। ଆମେରିକାର ଷ୍ଟେଟ ଡିପାର୍ଟମେଂଟ ଦ୍ୱାରା ବଙ୍ଗଳାଦେଶର ମନ୍ତ୍ରୀଙ୍କୁ ସିଧା ସିଧା ଓ ବିଭିନ୍ନ ଫୋରମରେ ଧମକ ଚମକ ଦେବା ସହ ଶେଖ ହାସିନା ସରକାର ବିରୁଦ୍ଧରେ ଅପ ପ୍ରଚାର ଚଳାଯାଇଥିଲା। ହେଲେ ଏତେ ସବୁ କରିବା ପରେ ମଧ ଆମେରିକାକୁ ସଫଳତା ମିଳି ପାରି ନାହିଁ । ଆୱାମୀ ଲିଗ ହିଁ ବିଜୟୀ ହୋଇଛି ।

୨୦୦୧ ମସିହାରେ ଯେତେବେଳେ ଏହି ମେଂଟ ସରକାରରେ ଆସିଥିଲା ସେତେବେଳେ ହିନ୍ଦୁ ମାନଙ୍କ ଉପରେ ପ୍ରବଳ ଅତ୍ୟାଚାର ହୋଇଥିଲା । ହିନ୍ଦୁଙ୍କ ଘର ଦ୍ୱାର ଜାଳି ଦିଆଯାଇଥିଲା । ତେବେ କଟ୍ଟରପନ୍ଥୀ ମୁସଲମାନ ମାନଙ୍କର ଜମାତ- ବିଏନପି ମେଂଟର ସରକାର ଆସୁ ବୋଲି ଆମେରିକା କାହିଁକି ଚେଷ୍ଟା କରୁଥିଲା ? ଆମେରିକାରେ କାର୍ଯ୍ୟରତ ବଙ୍ଗଳାଦେଶର ଜମାତ-ଏ- ଇସଲାମୀ ଦ୍ୱାରା ପରିଚାଳିତ ସଂସ୍ଥା ମାନେ ଖୁବ ସକ୍ରିୟ ଓ ପ୍ରଭାବଶାଳୀ । ଆମେରିକାର ରାଜନୀତିରେ ସେମାନଙ୍କ ପ୍ରବଳ ପ୍ରଭାବ ରହିଛି । ସେମାନେ ଆମେରିକାର ଅନେକ ସିନେଟରଙ୍କୁ ପ୍ରବଳ ମାତ୍ରାରେ ପ୍ରଭାବିତ କରିଥାନ୍ତି । ଏହି କାରଣରୁ ଆମେରିକା ଆୱାମୀ ଲିଗକୁ କ୍ଷମତାରୁ ବାହାର କରିବାକୁ ଚେଷ୍ଟା କରିଥିଲା ।

ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କର ସ୍ଥିତି ଦୟନୀୟ ହୋଇଛି । ପାକିସ୍ତାନ ନିର୍ମାଣ ହେବା ଦିନ ଠାରୁ ସେମାନଙ୍କ ଉପରେ ଅତ୍ୟାଚାର ଜାରୀ ରହିଛି ଓ ଧୀରେ ଧୀରେ ହିନ୍ଦୁ ମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ପାକିସ୍ତାନରୁ ଅଲଗା ହୋଇ ବଙ୍ଗଳାଦେଶ ତିଆରି ହେବା ପରେ ସେଠାରେ ଅନ୍ୟ ଇସଲାମୀ ଦେଶ ଭଳି ସାଧାରଣ ଲୋକ ମାନଙ୍କର ରେଡିକାଲାଇଜେସନର ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା। ଏହି କାର୍ଯ୍ୟ ପଛରେ ଥିଲା ଜମାତ-ଏ- ଇସଲାମୀ । ଏହି ସଂଗଠନ ଓ ଏହା ଦ୍ୱାରା ସେଠାରେ ହିନ୍ଦୁ ମାନଙ୍କ ଉପରେ ଲଗାତାର ଆକ୍ରମଣ ହେଉଛି। ଏହି ନିର୍ବାଚନରେ ଓ ପୂର୍ବବର୍ତୀ ନିର୍ବାଚନ ମାନଙ୍କର ଜମାତ-ଏ- ଇସଲାମୀ ବଙ୍ଗଳାଦେଶ ନ୍ୟାସନାଲିଷ୍ଟ ପାର୍ଟି ସହ ରହି ଆସିଛି । ତେଣୁ ବିଏନପି ପାର୍ଟୀ କ୍ଷମତାରେ ଆସିବା ଦ୍ୱାରା ସେଠାକାର ହିନ୍ଦୁ ମାନଙ୍କ ଉପରେ ଆକ୍ରମଣ ଖୁବ ବଢିବାର ଆଶଙ୍କା ଥିଲା ।

ଯଦି ଭାରତ ଓ ହିନ୍ଦୁ ମାନଙ୍କ ଦୃଷ୍ଟିରୁ ଦେଖିବା ତେବେ ଶେଖ ହାସିନାଙ୍କ ବିଜୟ ଏକ ଭଲ ଖବର । ଯଦି ଶେଖ ହସିନା ଓ ଖାଲେଦା ଜିୟାଙ୍କ ମଧ୍ୟରେ ତୁଳନା କରିବା ତେବେ ଶେଖ ହସିନା ଖାଲେଦାଙ୍କ ଅପେକ୍ଷା ଅଧିକ ସେକୁଲାର ବୋଲି ମନେ କରାଯାଇଥାଏ । ବଙ୍ଗଳାଦେଶରେ ଇସଲାମୀ କଟ୍ଟରପନ୍ଥୀ ମାନଙ୍କ ଦ୍ୱାରା ମୁସଲମାନ ମାନଙ୍କୁ କଟ୍ଟର କରିବା ପ୍ରକ୍ରିୟା ଚାଲୁ ରହିଥିବା କାରଣରୁ ହିନ୍ଦୁ ଲୋକ ମାନଙ୍କ ଉପରେ ଆକ୍ରମଣ ଲଗାତାର ଭାବେ ହୋଇ ଆସୁଛି । ହିନ୍ଦୁ ମାନଙ୍କ ମନ୍ଦିର ଭଙ୍ଗା ଠାରୁ ଆରମ୍ଭ କରି ଘର ଜାଳି ଦେବା ପର୍ଯ୍ୟନ୍ତ ଘଟଣା ମାନ ଘଟୁଛି। ଖାଲେଦା ଜିଆ ଶାସନ କାଳରେ ସରକାରୀ କଳ ମଧ ଏହି ଇସଲାମୀ କଟ୍ଟରପନ୍ଥୀ ମାନଙ୍କ ସହଯୋଗ କରିଥାଏ । ଅର୍ଥାତ ଏହି କୃତ୍ୟକୁ କରୁଥିବା ଲୋକ ମାନଙ୍କ ଉପରେ ସରକାରୀ ପ୍ରଶାସନ କୌଣସି ରୋକ ଲଗାଇ ନ ଥାଏ ବା ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥାଏ । ଶେଖ ହାସିନାଙ୍କ ଶାସନକାଳରେ ହିନ୍ଦୁ ମାନଙ୍କ ଉପରେ ଆକ୍ରମଣ ହୁଏ ନାହିଁ ଓ ସେମାନେ ସୁରକ୍ଷିତ ଥାଆନ୍ତି ସେପରି ନୁହେଁ । ହେଲେ ଶେଖ ହାସିନାଙ୍କ ଶାସନକାଳରେ ସରକାରୀ କଳ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର କରି ନଥାଏ । ଇସଲାମୀ କଟ୍ଟରପନ୍ଥୀ ମାନଙ୍କ ଦ୍ୱାରା ଆକ୍ରମଣ ହେଲେ ସେମାନଙ୍କ ବିରୁଦ୍ଧରେ ସରକାରୀ କଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ଏହା ହିଁ ହେଉଛି ପ୍ରଭେଦ ।

ବର୍ତମାନ ପାଇଁ ଭାରତ ଓ ହିନ୍ଦୁ ମାନଙ୍କ ପାଇଁ ନିର୍ବାଚନ ଫଳାଫଳ ନିଶ୍ଚିତ ଭାବେ ଭଲ । ହେଲେ ଆଗାମୀ ଦିନରେ ସେହିଭଳି ସ୍ଥିତି ରହିବ ନାହିଁ । ଆଗାମୀ ଦିନରେ ବଙ୍ଗଳାଦେଶରେ ହିଂସା ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଜମାତ ଓ ତାର ସଂଗଠନ ମାନେ ଶେଖ ହାସିନା ସରକାରରେ ଆସିବା ପରେ ଚୁପ ହୋଇ ବସି ରହିବେ ନାହିଁ । ସେମାନେ ସ୍ଥାନୀୟ ହିନ୍ଦୁ ମାନଙ୍କ ଉପରେ ହିଂସା କରାଇବାକୁ ଚେଷ୍ଟା କରିବେ ।

ସେହିପରି ଆମେରିକା ମଧ ଚୁପ ହୋଇ ବସିବ ନାହିଁ । ଜମାତ ଓ ଅନ୍ୟ ଇସଲାମୀ ସଂଗଠନ ମାନଙ୍କର ଆମେରିକାର ରାଜନୀତି ଉପରେ ପ୍ରଭାବ ଓ ନିୟନ୍ତ୍ରଣ ରହିଥିବା କାରଣରୁ ଆଗାମୀ ଦିନରେ ବଙ୍ଗଳାଦେଶରେ କଲର ରିଭଲ୍ୟୁସନ ଦେଖିବାକୁ ମିଳିପାରେ । କଲର ରିଭଲ୍ୟୁସନ ଜରିଆରେ ବିଦେଶୀ ଶକ୍ତି ମାନେ କୌଣସି ଦେଶରେ ଗଣତାନ୍ତ୍ରିକ ଉପରେ ନିର୍ବାଚିତ ହୋଇଥିବା ସରକାର ବିରୁଦ୍ଧରେ ଗଣତାନ୍ତ୍ରିକ ଉପାୟରେ ଜନ ଆନ୍ଦୋଳନ କରି ତାକୁ କ୍ଷମତାରୁ ହଟାଇ ଥାଆନ୍ତି । ପାଶ୍ଚାତ୍ୟ ଦେଶ ମାନଙ୍କ ଦ୍ୱାରା ଅନେକ ଦେଶରେ କଲର ରିଭଲ୍ୟୁସନ କରାଇବାର ଉଦାହରଣ ରହିଛି । ବଙ୍ଗଳାଦେଶରେ ମଧ ଆଗାମୀ ଦିନରେ ଏଭଳି ଚିତ୍ର ଦେଖିବାକୁ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଭାରତକୁ ଏହାକୁ ନେଇ ସାବଧାନ ରହିବାର ଆବଶ୍ୟକତା ରହିଛି । ସେହିପରି ବଙ୍ଗଳାଦେଶରେ କଟ୍ଟରପନ୍ଥୀ ଇସଲାମିଷ୍ଟ ମାନଙ୍କ ଉପରେ କଠୋର କାର୍ଯାନୁଷ୍ଠାନ ଓ ରେଡିକାଲାଇଜେସନ ଉପରେ ରୋକ ଲଗାଇବା ଉପରେ ମଧ ଭାରତ ବଙ୍ଗଳାଦେଶ ସରକାର ଉପରେ ଚାପ ପ୍ରୟୋଗ କରିବା ଉଚିତ ହେବ । ସେଠାରେ ରହୁଥିବା ପାଖା ପାଖି ଦେଢ କୋଟି ହିନ୍ଦୁଙ୍କ ସୁରକ୍ଷା ପାଇଁ ମଧ ଭାରତ ସରକାର ଚିନ୍ତା କରିବା ଆବଶ୍ୟକ ।

# ଶିଳ୍ପବିହୀନ କନ୍ଧମାଳ, ଦାଦନମୁହାଁ ଯୁବପିଢ଼ି

|| ବିଚିତ୍ରାନନ୍ଦ ଆଚାର୍ଯ୍ୟ ||

ସର୍ବଭାରତୀୟସ୍ତରରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ନାଁ କରୁଛି। ସରକାରୀ ଭାବେ ଅନେକ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ସଙ୍ଗଠନର ପ୍ରତିନିଧି, ସରକାରୀ ପ୍ରତିନିଧି, ବିଦେଶ ଭ୍ରମଣରେ ଯାଉଛନ୍ତି। ରାଜ୍ୟରୁ ଦାଦନର ଛାପ ଲିଭିବ ଏବଂ ଓଡ଼ିଶା ଏକ ଶିଳ୍ପ ଓ କୃଷି ଅଗ୍ରଗଣ୍ୟ ରାଜ୍ୟ ଭାବେ ବିକାଶରେ ଆହୁରି ଦଉଡିବ କିନ୍ତୁ ବାସ୍ତବ ସତ୍ୟ ସମ୍ପୂର୍ଣ୍ଣ ଅଲଗା। କନ୍ଧମାଳ ଏକ ଶିଳ୍ପବିହୀନ ଜିଲ୍ଲା। ଦିନକୁ ଦିନ ଜିଲ୍ଲାରେ ଶିକ୍ଷିତ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ରୋଜଗାର ପାଇଁ ସେଭଳି କିଛି ବ୍ୟବସ୍ଥା ନଥିବାରୁ ବାଧ ହୋଇ ଜିଲ୍ଲାର ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଯୁବକ ଓ ଯୁବତୀ ଦାଦନ ମୁହାଁ ହେଉଛନ୍ତି। ଗତ ୨ ବର୍ଷ ତଳେ କରୋନା ସମୟରେ ସମଗ୍ର ଦେଶରେ କଟକଣା କାରଣରୁ ଜିଲ୍ଲାକୁ ଯେତିକି ମାତ୍ରାରେ ପ୍ରବାସୀମାନେ ଫେରିଥିଲେ ତାହା ଥିଲା କନ୍ଧମାଳ ଜିଲ୍ଲା ପାଇଁ ଏକ ବଡ଼ ଉଦାହରଣ। ଆଜି ପର୍ଯ୍ୟନ୍ତ ଜିଲ୍ଲାରୁ କେତେ ଜଣ ଦାଦନ ଖଟିବାକୁ ଯାଇଛନ୍ତି ଓ କେଉଁ ଜିଲ୍ଲାରେ କେତେଜଣ ଅଛନ୍ତି ସେ ସମ୍ପର୍କରେ ଶ୍ରମ ବିଭାଗ ପାଖରେ କୌଣସି ସୂଚନା ନାହିଁ। ଜିଲ୍ଲାରେ ଜଣେ ମଧ ଲାଇସେନ୍ସପ୍ରାପ୍ତ ଶ୍ରମିକ ଠିକାଦାର ନାହାନ୍ତି। ଫଳରେ ଜିଲ୍ଲାର ବହୁ ଯୁବକ ଓ ଯୁବତୀ ନିଜ ଇଚ୍ଛାରେ କିଛି ରୋଜଗାର ଆଶାରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କିଏ ଫେରୁଛନ୍ତି ତ ପୁଣି କାହାର ଶବଫେରୁଛି। କେବଳ ସେତିକି ନୁହେଁ ଅନେକ ନିର୍ଯାତନାର ଶିକାର ହୋଇ ଫେରୁଛନ୍ତି। କେବଳ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତିର ରାହା ଦେଖାଇ ଗାଁ ଗାଁରେ ଅନୁଦାନ ଯୋଗାଇ ଦିଆଯାଉଥିଲେ ମଧ ଏହି କର୍ମ ନିଯୁକ୍ତିରେ ଶିକ୍ଷିତଙ୍କୁ ଫାଇଦା ହେଉନି। ଏଭଳି ସ୍ଥଳେ ଜିଲ୍ଲାରେ ଶିଳ୍ପ ବିକାଶ ନେଇ ମଧ ସେଭଳି କିଛି ପଦକ୍ଷେପ ନିଆଯାଉନାହିଁ।

କନ୍ଧମାଳ ଜିଲ୍ଲାବାସୀଙ୍କ ପାଇଁ ନାଁ ଅଛି ଶିଳ୍ପ, ନା ଉଦ୍ୟୋଗୀଙ୍କ ପାଇଁ ଅଛି ଭିତ୍ତିଭୂମି ଅବା ସରକାରୀ ଅନୁକମ୍ପା। ଜିଲ୍ଲାର ଫୁଲବାଣୀ ସଦରମହକୁମାସ୍ଥିତ ଶ୍ରୀରାମ ମନ୍ଦିର ଶିଳ୍ପାଞ୍ଚଳରେ ରହିଛି କିଛି କ୍ଷୁଦ୍ର ଉଦ୍ୟୋଗ। ଯାହା କେବଳ କାଗଜକଲମରେ ହିଁ ସୀମିତ। କୌଣସି ଉଦ୍ୟୋଗ ଠିକ ଭାବେ କାର୍ଯ୍ୟକାରୀ ଅବସ୍ଥାରେ ନାହିଁ। ଏଥିରେ ପ୍ରମୁଖ ପ୍ରତିବନ୍ଧକ ସାଜିଛି ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେସନ। ୧୯୮୧ରୁ ଇଡ଼କୋ ଆବଣ୍ଟନ କରିଥିବା ଜାଗାର ପଟ୍ଟା ଆଜି ପର୍ଯ୍ୟନ୍ତ ଉଦ୍ୟୋଗୀଙ୍କୁ ମିଳିନାହିଁ। ଫଳରେ ସେମାନଙ୍କୁ କୌଣସି ବ୍ୟାଙ୍କ ଋଣ ଦେଉ ନଥିବାରୁ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରୁନି କି ଆଗେଇ ପାରୁନି। କିଛି ଶିଳ୍ପ ପ୍ଲଟରେ ଉଦ୍ୟୋଗ ନହୋଇ ବହୁମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରାଯାଇଛି। ଯେଉଁ କେତେକ ଶିଳ୍ପ କାଁ ଭାଁ ଚାଲିଥିଲା ତାହା ଏବେ ବନ୍ଦ ପଡ଼ିଛି। ସୂଚନା ପ୍ରକାରେ, ୧୯୮୧ ମସିହାରେ ଇଡ଼କୋ ୧୦ ଏକର ଜମି ଅଧିଗ୍ରହଣ କରିଥିଲା। ଏହାପରେ ଉଦ୍ୟୋଗୀଙ୍କୁ ଜମି ଆବଣ୍ଟନ କରିଥିଲା। ପର୍ଯ୍ୟାୟକ୍ରମେ ଆଜି ପର୍ଯ୍ୟନ୍ତ ୨୩ ଜଣଙ୍କୁ ଉଦ୍ୟୋଗ ଲାଗି ଜମି ପ୍ରଦାନ କରାଯାଇଛି। ଇତିମଧରେ ୪୨ ବର୍ଷ ବିତି ଯାଇଥିଲେ ହେଁ ଜମିର ପଟ୍ଟା ଇଡ଼କୋ ପ୍ରଦାନ କରିପାରିନାହିଁ। ହାତ ଗଣତି କେବଳ ୪ଜଣଙ୍କୁ ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିଛି। ଇଡ଼କୋ ତଥ୍ୟ ଅନୁସାରେ ୧୩ ଉଦ୍ୟୋଗ ବର୍ତ୍ତମାନ ଚାଲୁଛି। ୫ଟି ବନ୍ଦ ହୋଇଛି ଏବଂ ଆଉ ୫ଟି କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି। କିନ୍ତୁ ବାସ୍ତବ ଚିତ୍ର ଦେଖିଲେ ଏହା ସମ୍ପୂର୍ଣ୍ଣ ଅଲଗା। ନା ଛୋଟ ନା ବଡ଼ ଗୋଟିଏ ବି ଶିଳ୍ପ ମଧ କାର୍ଯ୍ୟକ୍ଷମ ନାହିଁ। ଯେଉଁ ୧୩ ଶିଳ୍ପ ଚାଲିଥିବା ବିଭାଗ କହୁଛି ସେଥିମଧରୁ ସବୁ ଶିଳ୍ପ ପ୍ରାୟ ବନ୍ଦ ହୋଇପଡ଼ିଛି। ଅର୍ଥାଭାବରୁ ସେମାନେ ଉଦ୍ୟୋଗକୁ ଆଗକୁ ନେଇ ପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଆଉ କିଛି ଉଦ୍ୟୋଗୀ ନିଜ ସଂସ୍ଥା ନକରି ଭଡ଼ା ସୂତ୍ରରେ ଦେଇ ଅର୍ଥ ରୋଜଗାର କରୁଛନ୍ତି। ହେଲେ ଏହାର ପରିଚାଳକ ଦିନେ ମଧ ସେହି ଅଞ୍ଚଳକୁ ବୁଲିବାକୁ ଯାଇନଥିବା ଜଣାପଡ଼ିଛି। ତଦାରଖ ଦୂରର କଥା ବର୍ତ୍ତମାନ ସେଠାରେ ସ୍ଥିତି କିଭଳି ଅଛି ସେ ନେଇ ମଧ କାହାରି ପାଖରେ କିଛି ସୂଚନା ନାହିଁ। ନିୟମ ଅନୁସାରେ ଯଦି କେହି ଉଦ୍ୟୋଗ କରିବାକୁ ନ ଚାହିଁବେ, ସେ ଜାଗା ଛାଡ଼ିବା କଥା। ଯଦି ବି ଭଡ଼ା ସୂତ୍ରରେ ଦିଆଯିବ ତାହା ବି ଇଡ଼କୋ ଜାଣତରେ ହେବା କଥା, କିନ୍ତୁ ଇଡ଼କୋ ପାଖରେ କୌଣସି ପ୍ରକାର ସୂଚନା ନାହିଁ। ଉଦ୍ୟୋଗ କରିବା ପାଇଁ ଇଡ଼କୋ ପାଖରୁ ଜାଗା ଲିଜ ସୂତ୍ରରେ ନେଇଛୁ। ଜାଗାର ମୂଲ୍ୟ ଅନୁସାରେ ନିର୍ଦ୍ଧାରିତ ଅର୍ଥ ଇଡ଼କୋରେ ମଧ ପଇଠ କରିଛି। ହେଲେ ଆଜି ପର୍ଯ୍ୟନ୍ତ ଆମକୁ ପଟ୍ଟା ମିଳୁନାହିଁ। କୌଣସି ବ୍ୟାଙ୍କ ଆମକୁ ଋଣ ଦେଉନାହାନ୍ତି ବୋଲି କହିଛନ୍ତି ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ। ବାଧ ହୋଇ ଖାଲି ଜାଗାକୁ ଆଦରି ପଡ଼ି ରହିଛୁ। ଜିଲ୍ଲାରେ ଭରି ରହିଛି ମଧ ଅନେକ ପ୍ରାକୃତିକ ସମ୍ପଦ। କିନ୍ତୁ ସବୁ ସ୍ଥାନରେ ଜଙ୍ଗଲ କାରଣରୁ ଉକ୍ତ ପ୍ରାକୃତିକ ସମ୍ପଦ ମଧ କୌଣସି କାମରେ ଆସିପାରୁନି। ଏପରିକି ଜିଲ୍ଲାରେ କୌଣସି ବଡ଼ ଶିଳ୍ପ ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କୁ ନିଯୁକ୍ତିଦେବା ପାଇଁ ସେଭଳି କିଛି ପଦକ୍ଷେପ କିମ୍ବା କୌଣସି ସଭା ସମିତିରେ ସେଭଳି କିଛି ଦାବି ମଧ କରାଯାଉନାହିଁ। ସେହିପରି କନ୍ଧମାଳ ଏବେ ଗଞ୍ଜେଇ ଚାଷ ପାଇଁ ବେଶ କୁଖ୍ୟାତ ହେଲାଣି। ଯାହାଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସଙ୍କଟାପନ୍ନ ହେଉଛି ଓ ଶିଳ୍ପ ପର୍ଯ୍ୟଟନ ମଧ ବାଧାପ୍ରାପ୍ତ ହେଉଛି। ଯୁବ ବର୍ଗ ସେପରି କର୍ମ ସଂସ୍ଥାନ ପାଉନାହାଁନ୍ତି। ଧନ୍ଦାମୂଳକ ଶିକ୍ଷାର ପ୍ରସାର ଓ ପ୍ରଚାର ହୋଇପାରୁନାହିଁ ଯାହାଫଳରେ ଅନେକ ପ୍ରତିଭାବାନ ଯୁବ ବର୍ଗମାନେ ରୋଜଗାରକ୍ଷମ ହୋଇପାରୁନାହାଁନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କଥା ଓଡ଼ିଶା କୁଆଡ଼େ ଏକ ବିଜୁଳି ବଳକା ରାଜ୍ୟ କିନ୍ତୁ ବିଡ଼ମ୍ବନା ହେଉଛି ଏହା କନ୍ଧମାଳରେ ଏବେ ବି ସାରା ଦିନ ଲୋଭୋଲଟେଜ ସମସ୍ୟା ରହୁଛି। ସ୍ୱାସ୍ଥ୍ୟ କଥା ତ କହିଲେ ନସରେ ଯେଉଁ ତିମିର କୁ ସେଇ ତିମିର। ବନ୍ୟଜାତ ଦ୍ରବ୍ୟର ସୁପରିଚାଳନା ହୋଇପାରୁନଥିବାରୁ ଲୋକମାନଙ୍କ ଜୀବନ ଜୀବିକାରେ ଆଖିଦୃଶିଆ ଉନ୍ନତି ହୋଇପାରୁନାହିଁ। ସବୁଠି ଦଲାଲମାନଙ୍କ ପାର୍ଦ୍ଦୁଭାବ ପାଇଁ ଉଭୟ ଖାଉଟି ଓ କ୍ଷୁଦ୍ର ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଯେହେତୁ ଏହି ଅଞ୍ଚଳଟି ପାହାଡ଼ ଓ ଜଙ୍ଗଲ ଅଧୁଷିତ ଏହା ମିଲେଟ ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ହୋଇଥିଲେ ମଧ ସୁଫଳ ଏହି ଜିଲ୍ଲାବାସୀ ପାଇପାରୁନାହାଁନ୍ତି। ଜିଲ୍ଲାରେ ଅନେକ ପ୍ରାକୃତିକ ବିଭବଭରା ଦର୍ଶନୀୟ ସ୍ଥଳୀ ରହିଥିଲେ ମଧ ଏହା ଲୋକଲୋଚନରେ ଉହାଡ଼ରେ ରହିଯାଉଥିବାରୁ ପର୍ଯ୍ୟଟନ କ୍ଷେତ୍ର ଅବହେଳିତ ହେଉଛି ଏବଂ ସର୍ବୋପରି ସ୍ଥାନୀୟ ଅଞ୍ଚଳବାସୀ ଆତ୍ମନିର୍ଭରଶୀଳ ହୋଇପାରୁନାହାଁନ୍ତି। ଗମନାଗମନ ମଧ ଏକ ବାଧକ ହେଉଛି ରୋଜଗାର ପରିପନ୍ଥୀରେ।

‘ବିଭବ’ ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୭୦୦୮୭୫୨୩୧୭

# ମାନବିକତା ହିଁ ପରମ ଧର୍ମ

|| ମୌଲାନା ଫଜଲ ହକ ଖାଁ ||

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ ପ୍ରଦାନ କରନ୍ତି । ଯଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛନ୍ତି ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; ‘ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାହତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ୟହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।’

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ’ଣ ଦେଲା ? କାହିଁକି ଏ ବିପ୍ଳବ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; ‘ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।’

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭

## ସାରଳା ଦାସଙ୍କ ଶ୍ରାଦ୍ଧ ଦିବସକୁ ସରକାର ଜାତୀୟ ଉତ୍ସବ ଭାବେ ପାଳନ କରିବାକୁ ଦାବୀ

ପାରାଦୀପ/କୁଜଙ୍ଗ, (ମହାଭାରତ) : ମୁଖ କଥିତ ଓଡିଆ ଭାଷାକୁ ତାଳପତ୍ର ଖୋଦାରେ ଲୁହା କରଣୀରେ ସର୍ବ ପ୍ରଥମ ଲିପିବଦ୍ଧ କରି ଓଡିଆ ଜାତିର ବିଶ୍ୱ ସ୍ତରୀୟ ପରିଚୟ ନିର୍ମାଣ କ୍ଷେତ୍ରରେ ଚତୁର୍ଦ୍ଦଶ ଶତାବ୍ଦୀର ମହାନ ସୃଜନ ସାଧକ ପ୍ରାତଃସ୍ମରଣୀୟ କବି ସାରଳା ଦାସଙ୍କ ଅବଦାନ ଅତୁଳନୀୟ। କବିଙ୍କର ବୃହତ ଗ୍ରନ୍ଥ ଭାବେ ମହାଭାରତ, ଚଣ୍ଡି ପୁରାଣ, ବିଚିତ୍ରରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା, ସାରୋଳ ମାଳାଶ୍ରୀ ଆଦି କାଳଜୟୀ କୃତି ଓଡିଆ ଭାଷା ସାହିତ୍ୟର ଆଦ୍ୟ ଭିତ୍ତିଭୂମି ଯୋଗୁ ଆଦିକବି ଭାବେ ସାରଳା ଦାସ ବିଶ୍ୱରେ ବିଖ୍ୟାତ। ସାରଳା ମହାଭାରତରେ ଅସଂଖ୍ୟ ମୌଳିକ କାହାଣୀ ଖଞ୍ଜି କବିଙ୍କ ଲିଖନ ଶୈଳୀ ଓ ସ୍ୱତନ୍ତ୍ରତା ଆଜିବି ଲୋକ ମୁଖରେ ଅବ୍ୟାହତ ରହିଛି ବୋଲି ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ କହିଛନ୍ତି। ଏହି ମହାନ କବି ସାରଳା ଦାସଙ୍କ ଆସନ୍ତା ପବିତ୍ର ମାଘ ସପ୍ତମୀରେ ଶ୍ରାଦ୍ଧ ଦିବସ ତିଥି ଅନୁଯାୟୀ ପଡୁଥିବାରୁ କୌଣସି ବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ନଜିର୍ ନଥିବା ବେଳେ ଓଡିଶା ସାହିତ୍ୟ ଏକାଡ଼େମୀ କବିଙ୍କ ସମାଧିପୀଠ ତେନ୍ତୁଳିପଦା ଠାରେ ଯନେତେନେ ପାଳନ କରି ଆସୁଛନ୍ତି। ଏହାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରି ପ୍ରତିବର୍ଷ ପ୍ରତିକ୍ରିୟା ପ୍ରକାଶ କରୁଥିଲେ ମଧ୍ୟ ସରକାର ଗୁରୁତ୍ୱ ଦେଉନଥିବାରୁ ଶ୍ରୀ ତରାଇ କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବ ସରକାରଙ୍କ ସମୟରେ ଦିଲ୍ଲୀସ୍ଥିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାରଳା ଦାସ ଚେୟାର ପ୍ରତିଷ୍ଠା ସହ କେତେକ ପ୍ରକାଶନକୁ ବାଦ୍ ଦେଲେ କବିଙ୍କର ସ୍ମୃତି ରକ୍ଷା ପାଇଁ ସେପରି କିଛି ବଡ ଧରଣର କାର୍ଯ୍ୟକ୍ରମ ଗ୍ରହଣ କରା ଯାଇନାହିଁ । ଚଳାଚଳ କରୁଥିବା ପୁରୀ ପାରାଦୀପ ଇଣ୍ଟରସିଟିକୁ ସାରଳା ଦାସଙ୍କ ନାମରେ ରେଲ୍ ବିଭାଗ ନାମିତ କରିବା ସହିତ ଶ୍ରାଦ୍ଧ ଦିବସକୁ ଜାତୀୟ ଉତ୍ସବ ଭାବରେ ସରକାର ପାଳନ କରନ୍ତୁ ବୋଲି ଶ୍ରୀ ତରାଇ ଦାବୀ କରିଛନ୍ତି।

## ଆବାସ ଓ ଅନ୍ତୋଦୟ ଗୃହରୁ ବଞ୍ଚିତ ବିଧବା ସୁଭଦ୍ରା ଦେହୁରୀ



ପରଜଙ୍ଗ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତ ଅନ୍ଧାରିଖୋଲ ଗାଁ ର ସୁଭଦ୍ରା ଦେହୁରୀ ଓ ଦୁଇ ଝିଅ ଦିବ୍ୟାଙ୍ଗ । ଦୁଃଖ କଥା ମମତା ଦେହୁରୀ(୮୦%) ଓ ଅନିତା ଦେହୁରୀ (୧୦୦%) ପ୍ରତିଶତ ଦିବ୍ୟାଙ୍ଗ । ସରକାରୀ ଯୋଜନା ସାତ ସପନ । ସୁଭଦ୍ରା ଦେହୁରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଦୁଇ ଝିଅଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଓ ଅନ୍ତୋଦୟ ଯୋଜନାରେ ୩୫କେଜି ରାସନ ଚାଉଳ, ଟ୍ରାଏସାଇକେଲ୍ ନଚେତ ହୁଇଲ୍ ଚେୟାର ଦେବା ସହିତ ଅନ୍ତୋଦୟ ଗୃହ ଯୋଜନା କିମ୍ବା ଆବାସ ଯୋଜନାରେ ଘରଟିଏ ଦେବା ପାଇଁ ପରଜଙ୍ଗ ବ୍ଲକ ପ୍ରଶାସନ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି ସୁଭଦ୍ରା ଓ ଦୁଇ ଝିଅ । ଏଥି ସହିତ ଗ୍ରାମବାସୀ ଅନୁରୋଧ କରିଛନ୍ତି ନିରୀହ ଗରିବ ବିଧବା ମହିଳା ଓ ଦୁଇ ଦିବ୍ୟାଙ୍ଗ ଝିଅକୁ ସରକାର ଏହି ସବୁ ଯୋଜନାରେ ସାମିଲ କଲେ ଚିରକୃତ ହେବୁ ।

## ହରିଶଙ୍କର ପାହାଡ଼ରେ ଗଳିତ ଶବ ଉଦ୍ଧାର

ପାଟଣାଗଡ, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବତୀର୍ଥ ହରିଶଙ୍କର ମନ୍ଦିର ନିକଟରୁ ପ୍ରାୟ ୮୦୦ ମିଟର ଦୂର ପାହାଡ଼ ଉପରେ ଜଣେ ଅପରିଚିତ ପୁରୁଷଙ୍କ ଗଳିତ ଶବ ମିଳିଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରି ଦେଇଛି । ସୂଚନା ଅନୁଯାୟୀ, ଚାହାର ଗଛରେ ଗୋଟିଏ ଗାମୁଛା ସାହାଯ୍ୟରେ ଫାଶୀ ଲଗାଇ ମୃତ ଦେହଟି ଝୁଲୁଥିବା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ଖପ୍ରାଖୋଲ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସଙ୍ଗେସଙ୍ଗେ ଖପ୍ରାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ଛାନଭିନ ଆରମ୍ଭ କରିଛି । ମୃତ ବ୍ୟକ୍ତିଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳି ନ ଥିବା ବେଳେ, ମୃତକର ଡାହାଣ ବାହୁରେ ହନୁମାନଙ୍କ ଗୋଟିଏ ଟାଟୁ ଥିବା ବେଳେ ବାମ ହାତରେ ଫୁଲ ର ଟାଟୁ ତିଆରି ହୋଇଥିବା ଜଣା ପଡିଛି, ଏହା ହତ୍ୟା ନା ଆତ୍ମହତ୍ୟା—ସେଥି ନେଇ ରହସ୍ୟ ଘନୀଭୂତ ହୋଇଛି। ଏହି ଘଟଣା ସମ୍ପର୍କରେ ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି ଯେ, ସମସ୍ତ ଦିଗକୁ ଧ୍ୟାନରେ ରଖି ତଦନ୍ତ ଚାଲିଛି ଏବଂ ମରଣର ପ୍ରକୃତ କାରଣ ପୋଷ୍ଟମର୍ଟେମ ରିପୋର୍ଟ ଆସିଲା ପରେ ଜଣା ପଡିବ ।

## ମଝିଘରିଆଣି ଦେବୀଙ୍କ ଦାନ ହୁଣ୍ଡିର ଟଙ୍କା ଗଣତି ଶେଷ

ରାୟଗଡ଼ା, (ମହାଭାରତ) : କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାୟଗଡ଼ା ଅଧିଷ୍ଠାତ୍ରୀ ମା ମଝିଘରିଆଣୀ ମନ୍ଦିରର ଦାନ ହୁଣ୍ଡି ର ଅର୍ଥ ଗଣତି ଶେଷ ହୋଇଛି। ଆଜି



ବିଭିନ୍ନ ସାମାଜିକ ସଂଗଠନର ମହିଳା ମାନେ ଗଣତି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମାଁଙ୍କ ପୂଜାର୍ଚ୍ଚନା ପରେ ୬ ମାସ ବ୍ୟବଧାନରେ ଆଜି ରାଜସ୍ୱ ବିଭାଗ ଅଧିକାରୀ ଙ୍କ ଉପସ୍ଥିତ ରେ ଦାନ ହୁଣ୍ଡି ଖୋଲାଯାଇଥିଲା। ଦୀର୍ଘ ଦଶ ଘଣ୍ଟା ପରେ ହୁଣ୍ଡିରୁ ନଗଦ ୧ କୋଟି ୫ ଲକ୍ଷ ୫୨ ହଜାର ୮୪୫,୨କେଜି ୧୫୦ ଗ୍ରାମ ରୂପା ଓ ୩୦ ଗ୍ରାମ ସୁନା ବାହାରିବା ସହ ୨୩ଟି ବିଦେଶୀ ଓ ଅଚଳ ନୋଟ୍ ବାହାରିଛି। ସଂଗ୍ରହ ସମସ୍ତ ଅର୍ଥ ଓ ସୁନା ରୂପା ମନ୍ଦୀର ପରିସରରୁ ମଝିଘରିଆଣୀ ଟ୍ରଷ୍ଟର ସ୍ୱତନ୍ତ୍ର ବସରେ ରାୟଗଡା ୟୁନିୟନ୍ ବ୍ୟାଙ୍କ କୁ ସ୍ଥାନାନ୍ତର କରାଯାଇଛି। ଆଜିର ଗଣତି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରାୟ ୨୫୦ ଜଣ ମହିଳା ସାମିଲ ହୋଇଥିଲେ। ଦାନ ହୁଣ୍ଡିରୁ ବାହାରି ଥିବା ଅର୍ଥ ମନ୍ଦିର ର ଉନ୍ନତି, ପରିଚାଳନା ସହ ବିଭିନ୍ନ ସାମାଜିକ କାର୍ଯରେ ଖର୍ଚ୍ଚ ହେବ ବୋଲି ମନ୍ଦିର ପରିଚାଳନା ଟ୍ରଷ୍ଟର ସଭାପତି ସୂଚନା ଦେଇଛନ୍ତି।

# ଏମଭି–୭୯ ଗ୍ରାମ୍ୟ ବ୍ୟାଙ୍କରେ ମୌଳିକ ସୁବିଧାର ଭୟଙ୍କର ଅଭାବ




ମାଲକାନାଗିରି, (ମହାଭାରତ) : ଏମଭି–୭୯ ଅଞ୍ଚଳର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଉପରେ ନିର୍ଭର କରି ପ୍ରତିଦିନ ୩୦ ରୁ ୪୦ ଜଣ ମହିଳା ଏସଏଚଜି ସଦସ୍ୟା ସହ ଶତାଧିକ ପୁରୁଷ–ମହିଳା ବ୍ୟାଙ୍କ ଗ୍ରାହକ ବ୍ୟାଙ୍କିଂ କାର୍ଯ୍ୟ ପାଇଁ ଆସୁଥିବା ବେଳେ, ଏହି ବ୍ୟାଙ୍କରେ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ଯଥା ସୌଚାଳୟ ଓ ବାଥରୁମର ବ୍ୟବସ୍ଥା ନ ଥିବା ଗୁରୁତର ଚିନ୍ତାର ବିଷୟ ହୋଇ ଉଠିଛି। ପ୍ରାୟ ୨୦ ବର୍ଷ ଧରି କାର୍ଯ୍ୟରତ ଏହି ବ୍ୟାଙ୍କରେ ଗ୍ରାହକମାନଙ୍କ ପାଇଁ ତ ଦୂରର କଥା, ବ୍ୟାଙ୍କ କର୍ମଚାରୀମାନଙ୍କ ପାଇଁ ମଧ୍ୟ ଶୌଚାଳୟ ବ୍ୟବସ୍ଥା ନାହିଁ। ଫଳରେ ଦୂରଦୁରାନ୍ତ ଗାଁ ଅଞ୍ଚଳରୁ ଆସୁଥିବା ଗ୍ରାହକ, ବିଶେଷକରି ମହିଳାମାନେ ନାନା ପ୍ରକାରର ଅସୁବିଧା ଓ ଅପମାନଜନକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କରେ ଜଣେ ମହିଳା 'ବ୍ୟାଙ୍କ ମିତ୍ର' କାର୍ଯ୍ୟରତ ଥିବା ସତ୍ତ୍ୱେ ସେ ମଧ୍ୟ ପରିସ୍ରା ପାଇଁ ନିକଟସ୍ଥ ଅନ୍ୟ ଜଣଙ୍କ ଘର ଉପରେ ନିର୍ଭର କରୁଥିବା ମତ ପ୍ରକାଶ ପାଇଛି, ଯାହା ବ୍ୟାଙ୍କ ପ୍ରଶାସନର ଅବ୍ୟବସ୍ଥାକୁ ସ୍ପଷ୍ଟ କରୁଛି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ବ୍ୟାଙ୍କର ଉପରିସ୍ଥ କର୍ତ୍ତୃପକ୍ଷ ଓ ବିଭିନ୍ନ ଅଧିକାରୀମାନେ ବାରମ୍ବାର ଏହି ବ୍ୟାଙ୍କକୁ ନିରୀକ୍ଷଣରେ ଆସୁଥିଲେ ମଧ, ଏପର୍ଯ୍ୟନ୍ତ ଏହି ମୌଳିକ ସମସ୍ୟା ପ୍ରତି କାହାର ଦୃଷ୍ଟି ପଡ଼ିନାହିଁ, ଯାହା ଦୁଃଖଜନକ। ସେପଟେ ବ୍ୟାଙ୍କ ଭବନର ଅବସ୍ଥା ମଧ୍ୟ ଶୋଚନୀୟ। ଜରାଜୀର୍ଣ୍ଣ ଘରରେ ବ୍ୟାଙ୍କ ଚାଲୁଥିବା ଅଭିଯୋଗ କରି ଅନେକ ଗ୍ରାହକ କହିଛନ୍ତି ଯେ, ଯେକୌଣସି ସମୟରେ ଭବନ ଭାଙ୍ଗି ପଡ଼ିବାର ଆଶଙ୍କା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏମଭି–୭୯ ଅଞ୍ଚଳବାସୀ ବ୍ୟାଙ୍କର ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଗ୍ରାହକ ଓ କର୍ମଚାରୀମାନଙ୍କ ପାଇଁ ଅତି କମରେ ମୌଳିକ ସୁବିଧା—ସୌଚାଳୟ, ବାଥରୁମ ଓ ସୁରକ୍ଷିତ ଭବନ ବ୍ୟବସ୍ଥା—ଯୋଗାଇ ଦେବାକୁ ଜୋରଦାର ଅନୁରୋଧ କରିଛନ୍ତି।

## ରାସନକାର୍ଡ ସରେଣ୍ଡର କଲେ ସମିତିସଭ୍ୟା: ଯୋଗାଣ ନିରୀକ୍ଷିକାଙ୍କ ଭୂମିକା ସନ୍ଦେହ ଘେରରେ

ତିର୍ତ୍ତୋଲ, (ମହାଭାରତ) : ଜଗତସିଂହପୁର ଜିଲ୍ଲାରେ ଦୁର୍ନୀତିର ଗନ୍ତାଘର ର ପରିଚୟ ଅର୍ଜନ କଲାଣି ତିର୍ତ୍ତୋଲ ବ୍ଲକ । ହାତଗୁଞ୍ଜା ଦେଇ ବେଆଇନ ଭାବେ ବହୁ ଯୋଜନା ହାତେଇଛନ୍ତି ଅଯୋଗ୍ୟ ହିତାଧିକାରୀ । ଜନତା ନିର୍ବାଚିତ କରିଛନ୍ତି ସେମାନଙ୍କ ସହିତ ରହି ଅଞ୍ଚଳ ର ଉନ୍ନତି କରିବେ ନିର୍ବାଚିତ ପ୍ରତିନିଧି ମାନେ, ହେଲେ ପରିତାପର ବିଷୟ ଏଠି ନିର୍ବାଚିତ ଜନପ୍ରତିନିଧି ମାନେ କେବଳ ନିଜ ଅଣ୍ଟି ଭର୍ତ୍ତି କରିବାରେ ବ୍ୟସ୍ତ । ଏମିତି ଏକ ଦୁର୍ନୀତି ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରା ପଞ୍ଚାୟତ ରେ । ପଞ୍ଚାୟତ ର ସମିତିସଭ୍ୟା ରୋଜାଲିନ ମହାନ୍ତି ସୁଭଦ୍ରା ଯୋଜନା ହାତେଇବା ସହିତ ରାସନ କାର୍ଡ ମଧ୍ୟ ହେତେଇଛନ୍ତି ବେଆଇନ ଭାବେ । ଜଣେ ନିର୍ବାଚିତ ଜନ ପ୍ରତିନିଧି ୱାର୍ଡ ମେମ୍ବର ବ୍ୟତୀତ ସୁଭଦ୍ରା ଯୋଜନା ପାଇବା ପାଇଁ ଅଯୋଗ୍ୟ, ଅନ୍ୟ ପକ୍ଷରେ କୌଣସି ସଦସ୍ୟଙ୍କର ଚାରିଚକିଆ ଯାନ ଥିଲେ ରାସନ କାର୍ଡ ପାଇବା ପାଇଁ ସେ ପରିବାର ଅଯୋଗ୍ୟ । ଏଠି କିନ୍ତୁ ସମିତିସଭ୍ୟା ମହାଶୟା ସବୁ ଆଇନ କାନୁନ କୁ ନିଜ ଅଣ୍ଟିରେ ପୁରେଇ ସରକାରୀ କଳର ଅପବ୍ୟବହାର କରି ଦୁଇ ଯୋଜନା ପାଇବାରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏ ନେଇ ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ମହାଶୟା ରାସନ କାର୍ଡ କୁ ସରେଣ୍ଡର କରିଦେଇଛନ୍ତି । ସାଧାରଣ ଜନତା ଙ୍କ କ୍ଷେତ୍ରରେ ଏମିତି ଘଟିଲେ ସେମାନଙ୍କ ନିକଟରୁ ସରକାରୀ ନିୟମ ଅନୁଯାଇ ସବୁ ଜୋରିମାନା ସ୍ୱରୂପ ଆଦାୟ କରାଯାଉଛି । ହେଲେ ଏଠି ଯୋଗାଣ ନିରୀକ୍ଷିକା ମହାଶୟା ତାହା କାହିଁକି କଲେ ନାହିଁ ବୁଝା ପଡୁନାହିଁ । ନା ପ୍ରିୟା ପ୍ରୀତି ରଖି ସମିତିସଭ୍ୟା ଙ୍କ ଦୋଷ କୁ ଚାପି ଦେଲେ ତାହା ଏକ ପ୍ରଶ୍ନବାଚୀ । ଅନ୍ୟପକ୍ଷରେ ଯଦି ସାଧାରଣ ଜନତା କେହି ରାସନ କାର୍ଡ ଖଣ୍ଡେ ପାଇଁ ଆବେଦନ କଲା ବର୍ଷ ବର୍ଷ ବିତିଗଲେ ବି ପାଇବା ସମ୍ଭବ ହେଉନାହିଁ, ସାଧାରଣ ଲୋକଙ୍କୁ ବିଭିନ୍ନ ଆଳ ଦେଖାଇ ଦିଆଯାଉନଥିବା ବେଳେ ସମିତିସଭ୍ୟା ଙ୍କ ସ୍ୱାମୀ ଙ୍କ ନାମରେ ଦୁଇଟି ଚାରି ଚକିଆ ଯାନ ଥିବା ସତ୍ତ୍ୱେ ମହାଶୟା ରାସନକାର୍ଡ (୧୨୦୮୧୫୧୧୯୩୮) ପାଇଲେ କେମିତି ତାହା ତଦନ୍ତ ସାପେକ୍ଷ । ଅନୁରୂପ ଭାବେ ସୁଭଦ୍ରା ଯୋଜନା କେମିତି ହାତେଇଲେ ତାହା ମଧ୍ୟ ତଦନ୍ତ ସାପେକ୍ଷ। ଉଭୟ ରାସନକାର୍ଡ ଏବଂ ସୁଭଦ୍ରା ଯୋଜନା ର ତଦନ୍ତ କରାଯାଇ ସମିତିସଭ୍ୟା ଏବଂ ତାଙ୍କୁ ଯୋଗ୍ୟ ବିବେଚିତ କରିଥିବା ଅଧିକାରୀ ଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଆଉ କେହି ଏମିତି ସରକାରୀ ଯୋଜନା କୁ ବେଆଇନ ଭାବେ ହାତେଇବା ପାଇଁ ସାହସ କରିବେ ନାହିଁ ବୋଲି ଅଞ୍ଚଳସାରା ଚର୍ଚ୍ଚା ଯୋର ଧରିଛି ।

## ଯୋଡ଼ା ବ୍ଲକ୍‌ରେ ମିଳିତ ଅଭିଯୋଗ ଶୁଣାଣି




ଯୋଡ଼ା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଥିଲା ।ଏହି ମିଳିତ ଅଭିଯୋଗ ଶୁଣାଣି ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଳକର ଡାଙ୍ଗଡ୍ଡ଼ୁ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଉପ ଜିଲ୍ଲାପାଳ ଉମାକାନ୍ତ ପରିଡା, ଯୋଡା ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାଏକ,ବଡ଼ବିଲ ପୋଲିସ ଉପଖଣ୍ଡ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ, ପ୍ରମୁଖ ଙ୍କ ସମେତ ଚମ୍ପୁଆ ବନଖଣ୍ଡ ଅଧିକାରୀ ଅକ୍ଷୟ ଛତ୍ରୀୟ, ବଡ଼ବିଲ ରେଞ୍ଜ ଅଧିକାରୀ ସଂଜୀବ କୁମାର ରାଉତ, ଯୋଡ଼ା ବନପାଳ ଅଧିକାରୀ ତ୍ରିନାଥ ଜେନା ଙ୍କ ସହିତ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ ।ସମୁଦାୟ ୬୧ ଟି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ହୋଇଥିଲା ।ମୁଖ୍ୟ ସମସ୍ୟା ଉପରେ କ୍ୟାମ୍ପ ହଟିଙ୍ଗ ରାସ୍ତା, ଭୂୟାଁ ରୋଇଡା ଠାରେ ଥିବା ମଦ ଦୋକାନ ଉଚ୍ଛେଦ ପାଇଁ ଦାବୀ ହୋଇଥିଲା । ରଶ୍ମିତା ପାଣିଗ୍ରାହୀ ଓ ଗଣେଶ ମୋଦି ଜିଲ୍ଲା ଖଣିଜ ପାଣ୍ଠି ରୁ ଭେଣ୍ଟିଲେଟର ଥିବା ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ ।ଶେଷରେ ବ୍ଲକ୍ ପକ୍ଷରୁ ଦିବ୍ୟାଙ୍ଗ ଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା

## ଆମନ୍ତ୍ରଣ ଦେଇ ସାମ୍ବାଦିକଙ୍କୁ ଅପମାନ



ନବରଙ୍ଗପୁର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ମାନନୀୟ ପରୀକ୍ଷିତ ସାହୁଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆସିଛି। ସନାତନ ସ୍ମୃତି ସାହିତ୍ୟ ସଂସଦର ଅଷ୍ଟାଦଶ ବାର୍ଷିକ ଉତ୍ସବ (୧୮ ଜାନୁୟାରୀ ୨୦୨୬) ଅବସରରେ ଆମନ୍ତ୍ରିତ ସାମ୍ବାଦିକମାନଙ୍କ ସହ ପ୍ରକଟ ଭାବରେ ପାତରଅନ୍ତର ଓ ଅସମ୍ମାନଜନକ ବ୍ୟବହାର କରାଯାଇଥିବା ଅଭିଯୋଗ ଘଟଣାକୁ ନିଆଁ ଲଗାଇଦେଇଛି। ସୂଚନା ଅନୁଯାୟୀ, ରାଇଘର ଓ ଉମରକୋଟ ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆଧିକାରିକ ଭାବରେ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ଉତ୍ସବ ମଞ୍ଚରେ ପହଞ୍ଚିବା ପରେ ସାମ୍ବାଦିକମାନଙ୍କୁ ଯେଉଁ ଅପମାନଜନକ ଦୃଶ୍ୟର ସାମ୍ନା କରିବାକୁ ପଡ଼ିଲା, ତାହା ଗଣମାଧ୍ୟମର ମର୍ଯ୍ୟାଦାକୁ ସିଧାସଳଖ ଆଘାତ କରିଛି। ନିଜ ପସନ୍ଦର ସାମ୍ବାଦିକମାନଙ୍କୁ ମାନପତ୍ର ସହ ଉପଢୌକଣ ଦେଇ ଷ୍ଟେଜକୁ ଡାକି ସମ୍ମାନିତ କରାଗଲା, ଯେତେବେଳେ ଅନ୍ୟ ଆମନ୍ତ୍ରିତ ସାମ୍ବାଦିକମାନଙ୍କୁ ମାନପତ୍ର ନ ଦେଇ କେବଳ ଉପଢୌକଣ ଧରାଇ ବିଦା କରାଗଲା। ଏହା କି ସମ୍ମାନ, ନା କି ଚୟନାଧିକାରୀ ଅପମାନ? ଏପରି ପାତରଅନ୍ତର ମୂଳକ ବ୍ୟବହାରକୁ ଦୃଢ଼ ନିନ୍ଦା କରି ଅନେକ ସାମ୍ବାଦିକ ସାର୍ବଜନିକ ଭାବରେ ଉପଢୌକଣ ଫେରାଇ ଦେଇଛନ୍ତି। ସେମାନଙ୍କ କଥାରେ ମାନପତ୍ର ଯଦି ଦେବାକୁ ଥିଲା, ତେବେ ସମସ୍ତ ଆମନ୍ତ୍ରିତ ସାମ୍ବାଦିକଙ୍କୁ କାହିଁକି ଦିଆଗଲା ନାହିଁ? ଜଣଙ୍କୁ ସମ୍ପୂର୍ଣ୍ଣ, ଅନ୍ୟ ଜଣଙ୍କୁ ଅଧା—ଏହା କି ନ୍ୟାୟ?" ସାମ୍ବାଦିକମାନଙ୍କ ମତାନୁସାରେ, ଯେଉଁ ପ୍ରିନ୍ସିପାଲ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏପରି ଅସମ୍ମାନଜନକ ଆଚରଣ କରିପାରନ୍ତି, ସେ ଛାତ୍ରଛାତ୍ରୀଙ୍କ ସହ କେମିତି ବ୍ୟବହାର କରୁଥିବେ ଏହା ନିଜେ ଏକ ଗଭୀର ପ୍ରଶ୍ନ। ଏପରି ମନୋଭାବ ଶିକ୍ଷାନୁଷ୍ଠାନ, କଳାକାର, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉପରେ କୁ-ପ୍ରଭାବ ପକାଇବ ନିଶ୍ଚିତ। ସାମ୍ବାଦିକ ମହଲର ଅଭିଯୋଗ ପ୍ରିନ୍ସିପାଲ ମହାଶୟ ଜାଣିସୁଣି ସାମ୍ବାଦିକଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରି ଦଙ୍ଗା ସଦୃଶ ପରିସ୍ଥିତି ତିଆରି କରୁଛନ୍ତି ।ଗଣମାଧ୍ୟମ ପ୍ରତିନିଧିଙ୍କୁ ଏପରି ଦୁର୍ବ୍ୟବହାର କରିବାର ଅଧିକାର ତାଙ୍କୁ କିଏ ଦେଲା ଏହି ପ୍ରଶ୍ନ ଏବେ ସାରା ଅଞ୍ଚଳରେ ଗୁଞ୍ଜୁଛି। ସାମ୍ବାଦିକ ସଂଗଠନ ସ୍ପଷ୍ଟ କରିଛନ୍ତି ଯଦି ଏହି ଘଟଣାର ଦ୍ରୁତ, ସ୍ୱଷ୍ଟ ଓ ସନ୍ତୋଷଜନକ ନିମାଂସା ନହୁଏ ତେବେ ପ୍ରଶାସନର ଦ୍ୱାରସ୍ଥ ହେବାକୁ ସେମାନେ ବାଧ ହେବେ ବୋଲି ସ୍ପଷ୍ଟ ଭାବରେ କହିଛନ୍ତି ।ଭାରତର ଚତୁର୍ଥ ସ୍ତମ୍ଭ ଗଣମାଧମ କାହାରି ଖେଳନା ନୁହେଁ। ଯେପରି ଚାହିଁଲେ ସେପରି ନଚାଇବାକୁ ଚେଷ୍ଟା କଲେ, ତାହାର ଉଚିତ ଜବାବ ନିଶ୍ଚୟ ମିଳିବ। ଗଣମାଧ୍ୟମ ପ୍ରତିନିଧି ମାନେ ପରକାଶ କରିଛନ୍ତି

## ପୁଣି ଏକାଠି ହେଲେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ୧୯୯୩ ବ୍ୟାଚର ସହପାଠୀ



ଖୋର୍ଦ୍ଧା, (ମହାଭାରତ): ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ୧୯୯୩ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଐତିହାସିକ ବରୁଣେଇ ପାହାଡ଼ ପାଦ ଦେଶରେ ପ୍ରାୟ ୭୦ରୁ ଉର୍ଦ୍ଧ ସହପାଠୀ ମାନଙ୍କୁ ନେଇ ପାଳିତ ହୋଇଯାଇଛି। କିଏ ଡାକ୍ତର ତ କିଏ ଇଞ୍ଜିନିୟର ତ ଆଉ କିଏ ଶିକ୍ଷକ ତ କିଏ ବ୍ୟବସାୟୀ, କିଏ ସେନାବାହିନୀ ରେ ତ କିଏ ରାଜନୀତି ରେ ଆଉ କିଏ କୃଷି ରେ ନିଜର ପାରଦର୍ଶିତା ଦେଖେଇଛନ୍ତି। କିନ୍ତୁ ନିଜର ବ୍ୟସ୍ତ ଜୀବନ ଭିତରୁ ମୂଲ୍ୟବାନ ସମୟ ପୁରୁଣା ବନ୍ଧୁ ମାନଙ୍କ ସହ ବିତେଇବା ସହ ବିଗତ ଦିନର ସ୍ମୃତିଚାରଣ ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ସୁଧାଂଶୁ ରାଉତରାୟ, ବ୍ରିଜେଶ ପ୍ରଧାନ, ଅଜୟ ମହାରଣା, ନାଗଭୂଷଣ ଜେନା, ପ୍ରଶାନ୍ତ ପରିଡା, କୃଷ୍ଣ ଚନ୍ଦ୍ର ସ୍ୱାଇଁ ଏବଂ ଭାଗିରଥି ବଡ଼ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ। ଭୋଜିଭାତ ର ବ୍ୟବସ୍ଥା ମଧ୍ୟରେ ଆଗାମୀ ଦିନ ମାନଙ୍କରେ କୌଣସି ଦୁର୍ଦ୍ଦିନ ପରିସ୍ଥିତିରେ ନିଜ ସହପାଠୀଙ୍କୁ ସହଯୋଗର ହାତ ବଢ଼ାଇବା ସହିତ ଅଧ୍ୟୟନ କରୁଥିବା ବିଜେବି ହାଇସ୍କୁଲର କିପରି ଉନ୍ନତି ସାଧନ ହୋଇପାରିବ ସେ ଦିଗରେ ସମସ୍ତ ସହପାଠୀ ଆଲୋଚନା କରିଥଲେ । ଏହା ସହିତ ଆଗାମୀ ଦିନରେ ବିଭିନ୍ନ ଜନସେବା କାର୍ଯ୍ୟକ୍ରମ ତଥା ବୃକ୍ଷ ରୋପଣ, ରକ୍ତଦାନ ଶିବିର, ନିଃସହାୟଙ୍କୁ ବସ୍ତ୍ର ତଥା ଶୀତବସ୍ତ୍ର ବଣ୍ଟନ, ଗରିବ ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଆଲୋଚନା କରାଯାଇ ଆଗାମୀ ବର୍ଷ କିପରି ଆହୁରି ସରସ ସୁନ୍ଦର ବନ୍ଧୁମିଳନ ହୋଇପାରିବ ସହମତି ପ୍ରକାଶ ପାଇଥିଲା। ବହୁ ପୁରୁଣା ବନ୍ଧୁ ମାନଙ୍କୁ ପାଖରେ ପାଇ ବହୁ ବନ୍ଧୁ ଭାବବିହ୍ୱଳ ହେବାର ଦେଖାଯାଇଥିଲା।

## ଜରାଜୀର୍ଣ୍ଣ ଅବସ୍ଥାରେ ବରଗୁଡା ହୋମିଓପାଥି ମେଡିକାଲ: ସୁବିଧାରୁ ବଞ୍ଚିତ ୪ ପଞ୍ଚାୟତବାସୀ




କୁନ୍ଦୁରା, (ମହାଭାରତ): ସ୍ଥାନୀୟ ମସିଗାଁ ପାଞ୍ଚୟତ ବରଗୁଡା ଗ୍ରାମ ଠାରେ ଥିବା ହୋମିଓପାଥି ମେଡିକାଲ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଭଙ୍ଗା ଦଦରା ଘରେ ଚାଲିଛି ଅଧା ଅଧୁରା ସ୍ୱାସ୍ଥ୍ୟ ସେବା । ଏପରିକି ଡାକ୍ତର ବସିବାକୁ ଜାଗା ଖଣ୍ଡିଏ ନାହିଁ କି ଔଷଧ ମଧ୍ୟ ସୁରକ୍ଷିତ ରଖିବାକୁ ସୁବିଧା ନାହିଁ । ୨୯୮୨ ମସିହାରେ ତତ୍କାଳୀନ ଆଇନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ଏହାକୁ ଉଦଘାଟନ କରିଥିଲେ। ଏ ଭିତରେ ୪୪ ବର୍ଷ ବିତିଗଲାଣି ଓ ସେ ସମୟର ଆଜବେଷ୍ଟ ଛପର ଘର, କେଉଁଠି ଆଜବେଷ୍ଟ ଭାଙ୍ଗି ଗଲାଣି ତ ଆଉ କେଉଁଠି ଫାଟି ପାଣି ଗଳୁଛି, ଦିନରେ ତରା ଦେଖା ଯାଉଛି ଓ କେବଳ ଆଜବେଷ୍ଟ ନୁହେଁ କବାଟ, ଝରକା ଭାଙ୍ଗିରୁଜି ଗଲାଣି, କିଛି କାନ୍ଥ ଭାଙ୍ଗି ଘର ଦୁର୍ବଳ ଅବସ୍ଥାରେ ପଡ଼ି ରହିଛି । ଖରା ବର୍ଷା ଶୀତ ଭୟବିତ ଅବସ୍ଥାରେ ନାହିଁ ନାହିଁରେ ଚାଲିଛି ହୋମିୟପାଥି ଚିକିସାଳୟ । ହେଲେ ବର୍ଷା ଦିନ ହେଲେ ଭିତରକୁ ଯିବାକୁ ରୋଗୀ ଆଉ ଡାକ୍ତର ସମସ୍ତଙ୍କୁ ଭୟ। ଏତେ ପୁରୁଣା ଘର ମରାମତି ନାହିଁ କେତେବେଳେ ଯେ ଭାଙ୍ଗିଯିବ କହି ହେବ ନାହିଁ । ବହୁ ବିପଦ ସଙ୍କୁଳ ଘରେ ଚାଲିଛି ଅନିଚ୍ଛାପୂର୍ଣ୍ଣ ସ୍ୱାସ୍ଥ୍ୟସେବା। ହେଲେ ନୂତନ କୋଠାଟିଏ ହୋଇପାରୁନାହିଁ । ଡାକ୍ତରଙ୍କ ରହିବାକୁ ଘର ନାହିଁ, ରୋଗୀଙ୍କୁ ବସିବାକୁ ଜାଗା ନାହିଁ କି ଶୌଚାଳୟ ଖଣ୍ଡେ ମଧ୍ୟ ନାହିଁ। ବାଉଁଶ ବାଡ଼ରେ ଝରକା କବାଟ ଲାଗିଛି । ଏଠାକୁ ରୋଗୀ ଆସିବାକୁ ଅସୁରକ୍ଷିତ ମନେ କରୁଛନ୍ତି । କାର୍ଯ୍ୟ ନ କଲେ ନ ଚଳେ ଭାବି ବିପଦ ସଙ୍କୁଳ ପରିସ୍ଥିତିରେ ଡାକ୍ତର ଖାନାରେ ବାଧ ହୋଇ ରୋଗୀ ସେବା ଯୋଗାଇ ଆସୁଛନ୍ତି ଡାକ୍ତର । ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ କୁନ୍ଦୁରା ବ୍ଲକ ପ୍ରଶାସନ ନିଜଆଡୁ କିଛି ବି ତତ୍ପରତା ଦେଖାଉ ନାହିଁ । ଗତ ୨୦୧୨ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଛାତ ସ୍ତର ପର୍ଯ୍ୟନ୍ତ କାମ ହୋଇଛି , ବଳକା ରହିଯାଇଥିବା କାର୍ଯ୍ୟ ସରିବାର ନା ଧରୁନାହିଁ ଓ ବର୍ଷ ପରେ ବର୍ଷ ବିତି ଚାଲିଛି କିନ୍ତୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ମେଡିକାଲର ଭାଗ୍ୟ ବଦଳୁନି। ଏହି ମେଡିକାଲର ଭିତ୍ତିଭୂମିର ବିକାଶ ଦିଗରେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଥି ସଂଗଠନ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ, ଗ୍ରାମସଭା, ପଞ୍ଚାୟତ ଓ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀରେ ବହୁବାର ଲିଖିତ ଅଭିଯୋଗ କରାଯାଇଛି ତଥାପି ସୁଫଳ ମିଳୁନଥିବା କ୍ଷୋଭର ସହ କହିଛନ୍ତି ସାଥି ସଂଗଠନ ସଭାପତି ଚନ୍ଦ୍ର ଶେଖର ରଥ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା । ଅଞ୍ଚଳବାସୀଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଭିତ୍ତିଭୂମିର ବିକାଶ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ପାଣି ପାଇଁ ରଣକ୍ଷେତ୍ର

ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତରେ କିଛି ଦିନ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ନହେବାରୁ ଆଜି ଉତ୍ୟକ୍ତ ଲୋକେ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପାଣି ପାଇଁ ହାଣ୍ଡି ମାଠିଆ ଧରି ଶହ ଶହ ମହିଳା ଓ ପୁରୁଷ ରାସ୍ତା ଉପରେ ବସି ରହିବାରୁ ଯାତାୟତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ସରିଗଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା। ବାରମ୍ବାର ପ୍ରଶାସନକୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମବାସୀ ଏହି ଚରମ ନିଷ୍ପତ୍ତି ନେଇଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାତ୍ରୀବାହୀ ବସ୍, ଟ୍ରକ୍ ଅଟକି ରହିଥିଲା। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ, ଉପ ଜିଲ୍ଲାପାଳ ଏବଂ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,(ମହାଭାରତ): ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷାଅନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ ଶିକ୍ଷାଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀନିବାସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ଅଧ୍ୟବସାୟ ଓ ପରିଶ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି କହିଥିଲେ। ବିଶିଷ୍ଟ ଚଳଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଗଠନରେ ଅଧ୍ୟାପକ/ଅଧ୍ୟାପିକାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ସେମାନଙ୍କ ପ୍ରତି ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଡ଼ଃ. ଭାଗ୍ୟଧର ସାହୁ ଓ ପ୍ରାଧ୍ୟାପକ ଡ଼ଃ.ଯତିନ୍ଦ୍ର କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢି ଦେଶ ଜାତିର ଗୌରବ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଇଂ.ଜ୍ୟୋତିପ୍ରକାଶ ସାହୁ ଶିକ୍ଷାନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରୁଦ୍ର ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶ୍ରୀପତି ସେବକ ଦାସ, ଦେବାଶିଷ ଓଝା, କଳ୍ପତରୁ ସାହୁ, ରଞ୍ଜିତା ବିଶ୍ୱାଳ, ମମତା ସାହୁ, ମଧୁସ୍ମିତା ସାହୁ, ପ୍ରତିପର୍ଣ୍ଣା ବିଶ୍ୱାଳ, ଶିବସୁନ୍ଦର ଦାସ, ସୁପ୍ରିୟା ଶତପଥି, ଝୁନି ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଚିନ୍ମୟ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

## ଆଶ୍ରମ ବିଦ୍ୟାଳୟ ଗୁଡିକରେ ପ୍ରସାଧନ ସାମଗ୍ରୀ ଯୋଗାଇ ଦେବାକୁ ସ୍ୱୟଂ ସହାୟିକା ଗୋଷ୍ଠୀର ଦାବି



କରଞ୍ଜିଆ, (ମହାଭାରତ) ଆଦିବାସୀ ଓ ହରିଜନ ବିଭାଗ ଦ୍ୱାରା ଠାକୁରମୁଣ୍ଡା ବ୍ଲକରେ ପରିଚାଳିତ ବିଦ୍ୟାଳୟ ଗୁଡିକ ର ଛାତ୍ର/ଛାତ୍ରୀ ମାନଙ୍କ ବ୍ୟବହାର ନିମନ୍ତେ ଯୋଗାଇ ଦିଆଯାଉଥିବା ପ୍ରସାଧନ ସାମଗ୍ରୀ ଗୁଡିକୁ ଯୋଗାଇ ବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ମାନେ ଜିଲ୍ଲାପା ଙ୍କ ନିକଟରେ ଦାବୀ କରିଛନ୍ତି। ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ରୁଗୁଡିବେଡା ଗ୍ରାମର ସମ୍ବନ୍ଧ ମା ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ଆଶ୍ରମ ବିଦ୍ୟାଳୟ ଗୁଡିକୁ ବ୍ୟବହୃତ ହେଉଥିବା ସାବୁନ, ତେଲ, ଟୁଥ ପେଷ୍ଟ, ଡିଟରଜେ□ ପାଉଡର, ପ୍ରଭୃତି ଯୋଗାଇ ଦେବାକୁ ସୋମବାର ଦିନ କରଞ୍ଜିଆ ଉପଜିଲ୍ଲାପାଳ ଙ୍କ ନିକଟରେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣୀ ରେ ଜିଲ୍ଲାପାଳ ଙ୍କୁ ଲିଖିତ ଦାବୀ କରିଛନ୍ତି ସଦସ୍ୟା ମାନେ। ଠାକୁରମୁଣ୍ଡା ବ୍ଲକ ରେ ପ୍ରାୟ ୧୯ ଟି ବିଦ୍ୟାଳୟ କୁ ଏହି ସାମଗ୍ରୀ ଦୀର୍ଘ ବର୍ଷ ଧରି ନିର୍ଦ୍ଦିଷ୍ଟ କେତୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସାମଗ୍ରୀ ଯୋଗାଇ ଆସୁଥିବା ବେଳେ ସେମାନଙ୍କୁ ଏହି ସାମଗ୍ରୀ ଯୋଗାଇ ଦିଆଯିବା ର ସୁଯୋଗ ଦେବାକୁ ଦାବୀ ରଖିଛନ୍ତି। ଗୋଷ୍ଠୀ ର ସଦସ୍ୟା ମାନଙ୍କ ଏହି ଲିଖିତ ଦାବୀ କୁ ଜିଲ୍ଲାପାଳ ଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ପ୍ରଦାନ କରିଥିଲେ, ଠାକୁରମୁଣ୍ଡା ବିଡ଼ିଓ ଙ୍କୁ ଅନୁଧ୍ୟାନ ନିମନ୍ତେ ଦେଇଥିବାର ଜଣାଯାଇଛି।

## ୨୪ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଗଣିଆ,(ମହାଭାରତ) ସୋମବାର ଗଣିଆ ବ୍ଲକରେ ନୟାଗଡ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଏହି ଜନ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଜିଲାପାଳ ମଧୁମିତା ରଥ,ଏହି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୁଦାୟ ୨୪ ଗୋଟି ଅଭିଯୋଗ ପଂଜିକୃତ ହୋଇଥିବାବେଳେ ୧୯ଗୋଟି ବ୍ୟକ୍ତିଗତ ଓ ସାମୁହିକ ୨ଗୋଟି ଅଭିଯୋଗ ପଂଜିକୃତ ହୋଇଥିଲା ।ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ତେବେ ଜିଲ୍ଲାପାଳ ୫ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, କଳାକାର ଭତା, ପାନୀୟ ଜଳ, ଷ୍ଟ୍ରିଟ ଲାଇଟ ଓ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ସମ୍ପର୍କିତ ଅଭିଯୋଗ କରାଯାଇଥିଲା । ବିଶେଷକରି ଗଣିଆ -କଳାପାଟ ଆର୍ ଡି ରାସ୍ତା ମରାମତି ଓ, ବିଦ୍ୟାଳୟ ଖୋଲିବା ନେଇ ୨ଟି ସାମୁହିକ ଅଭିଯୋଗ ହୋଇଥିଲା । ଏହି ଶିବିରରେ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ସୁବାଷ ପଣ୍ଡା, ଏ ଡି ଏମ ରୋଜିନା ଦାଶ ,ବ୍ଲକ ଅଧକ୍ଷା ଝୁନା ଜେନା, ତହସିଲଦାର ଐଶ୍ବର୍ଯ୍ୟା ପୃଶେଠ, ବିଡିଓ ଲବଣେନ୍ଦୁ ମହାନ୍ତି, ଉପାଧ୍ୟକ୍ଷ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ଶିବିରରେ ବ୍ଲକର ସମସ୍ତ ଜନପ୍ରତିନିଧି, ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନକୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ମୁକୁଳା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜୀବନ ହରାଉଛନ୍ତି ଶହ ଶହ ପଶୁପକ୍ଷୀ



ଆସିକା(ମହାଭାରତ): ଆସିକା ଅଞ୍ଚଳରେ ମୁକୁଳା ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଜୀବନ ହରାଉଛନ୍ତି ଶହ ଶହ ପଶୁ ପକ୍ଷୀୟ ଗତ ପାଞ୍ଚ ବର୍ଷ ହେବ ଟାଟା ପାୱାର ବିଦ୍ୟୁତ ବିତରଣ କାର୍ଯ୍ୟ ନିଜ ହାତକୁ ନେବା ଦିନଠାରୁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜୀବନ ହରାଉଛନ୍ତି ଶହ ଶହ ପଶୁ ପକ୍ଷୀ। ଜଙ୍ଗଲୀ ପଶୁପକ୍ଷୀ ମାନେ ବିଦ୍ୟୁତ ଲାଗି ମୃତ୍ୟୁ ବରଣ ନକରିବା ପାଇଁ ଜଙ୍ଗଲ ଅଞ୍ଚଳରେ ବିଦ୍ୟୁତ ତାର ଗୁଡିକୁ କେବୁଲ ରେ ପରିଣତ କରିବା ସାଙ୍ଗକୁ ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ଭାବେ ବିଦ୍ୟୁତ କାଟ କରାଯାଉଛି। ସେହିଭଳି ମୁଖ୍ୟ ସଡ଼କ ଦେଇ ବିଦ୍ୟୁତ ତାର ଆସୁଥିବା ଅଞ୍ଚଳ ଓ ସହରା□ଳର ଜନବସତୀ ଅଞ୍ଚଳରେ ନିରାପଦ ଦୃଷ୍ଟିରୁ ଖୋଲା ବିଦ୍ୟୁତ ତାର ପ୍ରତିବଦଳରେ କେବୁଲ ଲଗାଇବା ଏବଂ ପ୍ରତେକ ଟ୍ରାନ୍ସଫର୍ମର କୁ ତାର ବାଡ଼ ବନେଇବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ଏହା ଯଦି ବିଦ୍ୟୁତ ବିଭାଗ ଅବମାନନା କରନ୍ତି ପଶୁ ପକ୍ଷୀ ସାଙ୍ଗକୁ ମଣିଷ କିମ୍ବା ଧନଜୀବନ କ୍ଷତି ହେଲେ କ୍ଷତି ଭରଣା କରିଥାନ୍ତି। ଏତିକିବେଳେ ଆସିକା ସହରର ୧୮ଗୋଟି ୱାର୍ଡ ର ଜନଗହଳି ପୂର୍ଣ୍ଣ ଅଞ୍ଚଳ ଛକ ଓ ମୁଖ୍ୟ ରାସ୍ତାରେ ବିଦ୍ୟୁତ ତାର ଝୁଲି ରହିବା ସାଙ୍ଗକୁ ମୁକୁଳା ଥିବା ଯୋଗୁଁ ପ୍ରତିଦିନ ପଶୁପକ୍ଷୀ, ମଣିଷ ମୃତାହତ ହେଉଛନ୍ତି। ପ୍ରକାଶ ଥାଉକି ଆଜି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଲାଲାଗୋର୍ଜି ପଞ୍ଚମୁଖୀ ହନୁମାନ ମନ୍ଦିର ସମ୍ମୁଖରେ ଥିବା ମୁକୁଳା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ ମାଙ୍କଡ଼ ଗୁରୁତର ଆହତ ହୋଇଥିଲା। ସଙ୍ଗେସଙ୍ଗେ ସ୍ଥାନୀୟ ଜନସାଧାରଣ ଗୁରୁତର ମାଙ୍କଡ଼ ଟିକୁ ଉଦ୍ଧାର କରି ଆସିକା ପଶୁ ଚିକିତ୍ସା ଳୟରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଗୁରୁତର ମାଙ୍କଡ଼ଟିର ଚିକିତ୍ସା କରିଥିଲେ। ପ୍ରକାଶ ଥାଉକି ଆସିକା ତଥା ଏହାର ଆଖ ପାଖ ଅଞ୍ଚଳରେ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଦ୍ୟୁତ ତାର ଖୋଲା ରହିଥିବା ଯୋଗୁଁ ପ୍ରତିଦିନ କାଉ, ମାଙ୍କଡ଼, ବଗ ଏହି ପରି ଅନେକ ପଶୁପକ୍ଷୀ ଜୀବନ ହରାଉଛନ୍ତି। କେଉଁ ପରିସ୍ଥିତିରେ ଓ କଣ ପାଇଁ ଏହି ତାର ଗୁଡିକୁ ପ୍ଲାଷ୍ଟିକ ଆବରଣ ଯୁକ୍ତ ତାର ଲଗାଉ ନାହାନ୍ତି ତାହା ପଶୁ ପ୍ରେମୀ ତଥା ଅଞ୍ଚଳବାସୀଙ୍କ ବର୍ତ୍ତମାନର ମୁଖ୍ୟ ପ୍ରଶ୍ନ ପାଲଟିଛି। ଗତ କିଛି ଦିନ ତଳେ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ କିଛି ଯୁବକ ମାଙ୍କଡ଼ ବିଲରେ ଖାଦ୍ୟ ଶସ୍ୟ ଖାଇଦେଇଥିବା ଯୋଗୁଁ ତାକୁ ମାରି କାଠ ଖୁଣ୍ଟିରେ ଟାଙ୍ଗିଥିବା ଯୋଗୁଁ ସମ୍ପୃକ୍ତ ଯୁବକ ମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଇଥିଲା। କିନ୍ତୁ ପ୍ରତିଦିନ ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ମରୁଥିବା ପଶୁ ପକ୍ଷୀ ଙ୍କ ପାଇଁ ସରକାର କାହିଁକି ଟାଟା ପାୱାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ତାହା ବର୍ତ୍ତମାନ ପଶୁପ୍ରେମୀ, ବୁଦ୍ଧିଜୀବୀ, ଅଞ୍ଚଳ ବାସୀଙ୍କ ମୁଖ୍ୟ ପ୍ରଶ୍ନ ପାଲଟିଛି। ତୁରନ୍ତ ମୁକୁଳା ତାର ଗୁଡିକୁ ପ୍ଲାଷ୍ଟିକ ଆବରଣ ଯୁକ୍ତ ତାରରେ ପରିବର୍ତ୍ତନ କରିବା ସହ ଟ୍ରାନ୍ସଫର୍ମର ଗୁଡିକୁ ତାର ବାଡ଼ ଦେବାକୁ ଦାବୀ ହେଉଛି।

## ଗୋମାତାଙ୍କୁ ରାଷ୍ଟ୍ରମାତା ଘୋଷଣା ନିମନ୍ତେ ସଚେତନତା ରଥ ପରିକ୍ରମା



ପାରାଦୀପ(ମହାଭାରତ): ଗୋମାତା ଏପରି ଏକ ଦିବ୍ୟ ପ୍ରାଣୀ ଯାହାଙ୍କର ଗୋବର ଓ ମୂତ୍ର ବିଭିନ୍ନ ରୋଗର ପ୍ରତିଷେଧକ ଔଷଧ ଭାବେ କାର୍ଯ୍ୟ କରିଥାଏ ।ତେବେ ପ୍ରତିବର୍ଷ ଏଭଳି ବିଶ୍ୱକଲ୍ୟାଣୀ ନିରୀହ ଗୋମାତାଙ୍କୁ ଲକ୍ଷ ଲକ୍ଷ ସଂଖ୍ୟାରେ ଅତି ନିର୍ମମ ଭାବେ ହତ୍ୟା କରାଯାଉଛି । ତେଣୁ ଗୋ ସୁରକ୍ଷା ଏବଂ ଗୋମାତା ଙ୍କୁ ରାଷ୍ଟ୍ର ମାତା ଘୋଷଣା ନିମନ୍ତେ ସାଧାରଣରେ ସଚେତନତା ସୃଷ୍ଟି ପାଇଁ ନୂତନ ଭାରତର ଜାଗୋ ଔର ଜାଗାଓ ପକ୍ଷରୁ ଗୋମହିମା ପ୍ରଚାର ରଥ ପୁରୀ ଗୋବର୍ଦ୍ଧନ ପୀଠ ରୁ ବାହାରି ସମଗ୍ର ଓଡିଶା ଓ ପୁରା ଭାରତ ପରିକ୍ରମା କରିବ । ତେବେ ଏହି ଏହି ସଚେତନତା ରଥ ସୋମବାର ଦିନ ବନ୍ଦର ସହର ପାରାଦୀପ ର ଥାନା ନିକଟସ୍ଥ ପ୍ରେସ ଗ୍ୟାଲେରୀ ନିକଟରେ ପହଞ୍ଚିଥିଲା । ସେଠାରେ ଅନୁଷ୍ଠାନର ଅଧ୍ୟକ୍ଷ ସୁନିଲ କୁମାର ବେହେରା, ସଂଗଠନ ସମ୍ପାଦକ ସୌମେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋ ହତ୍ୟା ନିଷିଦ୍ଧ କରିବା ଏବଂ ଗୋମାତାଙ୍କୁ ରାଷ୍ଟ୍ର ମାତା ଘୋଷଣା କରିବା ନିମିତ୍ତ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା । ଏହି ଅବସରରେ ବିଜେପି ପାରାଦୀପ ନଗର ସଭାପତି ସୁବ୍ରତ ପ୍ରଧାନ, ପାରାଦୀପ ପୋର୍ଟ ବଣିକ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ବ୍ୟବସାୟୀ କ୍ଷୀରୋଦ ସ୍ୱାଇଁ ଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ରହି ଆଗ୍ରହର ସହକାରେ ଦସ୍ତଖତ ଅଭିଜନରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

## କୃଷ୍ଣପୁରଶାସନ ଉଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ



ବାଲିଚନ୍ଦ୍ରପୁର,(ମହାଭାରତ) ବଡ଼ଚଣା ବ୍ଲକ ଅଣକା ପଂଚାୟତସ୍ଥିତ କୃଷ୍ଣପୁରଶାସନ ଉଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୩ ବର୍ଷ ପରେ ବନ୍ଧୁ ମିଳନ ଉତ୍ସବରେ ଉପସ୍ଥିତ ବନ୍ଧୁ ଓ ବାନ୍ଧବୀମାନଙ୍କ ମଧ୍ୟରେ ପୁରୁଣା ସ୍ମୃତିର ରୋମାନ୍ଥନ କରି ଭାବର ଆଦାନ ପ୍ରଦାନ ବେଶ ହୃଦୟସ୍ପର୍ଶୀ ଥିଲା। ପ୍ରାରମ୍ଭରେ ଦିବଙ୍ଗତ ବାନ୍ଧବୀ ରତ୍ନମଞ୍ଜରୀ ଆଚାର୍ଯ୍ୟଙ୍କ ସ୍ମୃତି ଉଦେଶ୍ୟରେ ୨ ମିନିଟ୍ ସମୁହ ନିରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଯତିନ୍ଦ୍ରନାଥ ଦାଶ, ଚୈତନ୍ୟ ଜେନା, ନିତ୍ୟାନନ୍ଦ ସାମଲ, ରାଜ କିଶୋର ଶତପଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ମାନେ ପୁରାତନ ଛାତ୍ରଛାତ୍ରୀଙ୍କ ଏତାଦୃଶ ସମ୍ବର୍ଦ୍ଧନା ପାଇଁ ଭାବବିହ୍ୱଳ ହେବା ସହ ତାଙ୍କର ପୁରୁଣା ସ୍ମୃତି ସମ୍ବନ୍ଧରେ ମତପ୍ରକାଶ କରିବା ସହ ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ ଚାଲୁରଖିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଯୋଗ କରି ବନ୍ଧୁ ମିଳନ କରିବା ସହିତ ବୃକ୍ଷରୋପଣ, ଦରିଦ୍ରନାରାୟଣ ସେବା ପ୍ରଭୃତି ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା। ପ୍ରଭାସିନୀ ମିଶ୍ର, ପ୍ରିୟଦର୍ଶିନୀ ଶତପଥି, ଦୀପ୍ତିରେଖା ଶତପଥି, ସବିତା ନାୟକ, ତପସ୍ୱିନୀ ଆଚାର୍ଯ୍ୟ, ବିଶ୍ୱନାଥ ସାମଲ, ସଦାନନ୍ଦ ନାୟକ, ସୁଧାଂଶୁ ଶେଖର ଶତପଥି, ଅଭିମନ୍ୟୁ ନାୟକ ଓ ସୁକାନ୍ତ ଜେନା ପ୍ରମୁଖ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ନିର୍ମାଣଧୀନ ରାସ୍ତା ରୁ ଉଠୁଛି ଛେଲା ଛେଲା ପିଚୁ



ଅସ୍ତରଙ୍ଗ ( ମହାଭାରତ) :- ସଡ଼କ ସୁରକ୍ଷା ସହିତ ପ୍ରତ୍ୟେକ ଅଞ୍ଚଳ କୁ ପକ୍କା ସଡ଼କ ନିର୍ମାଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ର ପୁଞ୍ଜି ନିବେଶ କରୁଛନ୍ତି, ମାତ୍ର ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ଚକ୍ରପଡା ଶିବ ମନ୍ଦିର ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତା ରେ ପିଚୁ ପ୍ୟାଚ ପକାଇ ମରାମତି କାର୍ଯ୍ୟ ରେ ଆସିଛି ଦୁର୍ନୀତି ର ଅଭିଯୋଗ,ଗ୍ରାମ୍ୟ ଉନ୍ନୟନ ବିଭାଗ ର ଯାହା ସୂଚନା ରହିଛି ଏହା ବିଧାୟକ ପାଣ୍ଠି ର ପ୍ରାୟ ୪ ଲକ୍ଷ ଟଙ୍କା ର କାର୍ଯ୍ୟ, ପୁରୁଣା ଭଙ୍ଗା ପିଚୁ ରାସ୍ତା ରେ ନୂଆ ପିଚୁ ପକାଇ ମରାମତି କରାଯିବ, କିନ୍ତୁ ଏହି କାର୍ଯ୍ୟ କୁ ଏଭଳି ନିମ୍ନ ମାନ ର କରାଯାଇଛି ଯେ ସ୍ଥାନୀୟ ଲୋକ ଙ୍କ ଭିତରେ ଜନଅସନ୍ତୋଷ ଦେଖିବାକୁ ମିଳୁଛି, ଗତକାଲି ଠିକାଦାର ପିଚୁ ପକାଇ ରାସ୍ତା ରେ ରୋଡ଼ ରୋଲର ଚଲାଇ ରାସ୍ତା କୁ କାମ କରିଥିଲେ ମାତ୍ର ଆଜି ସ୍ଥାନୀୟ ଲୋକ ସାଧାରଣ ରେ ପାଦ ରେ ଚାଲିଲା ବେଳେ ପିଚୁ ଗୋଡି ସବୁ ଉଠିଯାଉଛି, ଏଭଳି ଉଠୁଛି ଯେ ବାଲି ଧୂଳି ଭଳି ଉଠୁଛି, ରାସ୍ତା ର ଦୁଇ ପାର୍ଶ୍ୱ ରେ ପିଚୁ କାମ ଦୟନୀୟ ଅବସ୍ଥା ରେ ହୋଇଛି, ଯେଉଁଠି ଗୋଡ଼ ବାଜୁଛି ସେଠି ଛେଲା ଛେଲା ପିଚୁ ଉଠି ଯାଉଛି, ସ୍ଥାନୀୟ ଲୋକ ଙ୍କ ଅଭିଯୋଗ ଯେ ଆଗରୁ ଆମ ପିଚୁ ସଡ଼କ ସମ୍ପୂର୍ଣ୍ଣ ଠିକ ଥିଲା ମାତ୍ର କେମିତି ଏହା ଉପରେ ମରାମତି କାର୍ଯ୍ୟ ବିଭାଗ କରୁଛି ଯାହା ଏବେ ସାଧାରଣ ରେ ଚର୍ଚ୍ଚା ହୋଇଛି, ଯଦିଓ କାମ ହେଉଛି ପିଚୁ ଉପରେ ରନ୍ଧା ଅଠା ଢଳା ଯାଇନି ସେମିତି ପିଚୁ ଗୋଳେଇ ନଦି ଦିଆଯାଇଛି। ଯାହାକି ଫଳରେ ତଳ କାମ ଠିକ ନଥିବାରୁ ଉପରୁ ପରସ୍ତ ପରସ୍ତ ପିଚୁ ଉଠୁଛି। ଆଉ କେଉଁ କାମ କରାଯାଉଛି ଠିକାଦାର କୌଣସି ଫଳକ ଲଗାଇ ନାହାନ୍ତି ଆମ ଅଞ୍ଚଳ ରେ, ସୁପରଭାଇଜର ଙ୍କୁ ଏହି କାମ କାହିଁ ଏପରି ହେଉଛି ପଚାରିଲେ କହୁଛନ୍ତି ଆମ ବାବୁ ଯାହା ଯେମିତି କହିଛନ୍ତି ଆମେ ସେମିତି କରିବୁ, ସିଧା ସଳଖ ଠିକାଦାର ଓ ବିଭାଗ ର ମଧୁଚନ୍ଦ୍ରିକା ରେ ଏହି କାର୍ଯ୍ୟ କରାଯାଉଛି ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରୁଥିବାବେଳେ ଅନ୍ୟ ପଟେ କାର୍ଯ୍ୟ ଉପରେ ଅଧିକାରୀ କେବେ ଯାଞ୍ଚ କରୁନାହାନ୍ତି ବୋଲି ଶୁଣିବାକୁ ମିଳୁଛି, ବର୍ତ୍ତମାନ ସରକାର ଲୋକ ଙ୍କ ସରକାର ଆଉ ଲୋକ ଙ୍କ ପାଇଁ କାମ କରିବାକୁ ଅଧିକାରୀ ମାନଙ୍କୁ କଡା ନିର୍ଦ୍ଦେଶ ଦେଉଥିବା ବେଳେ ଅନ୍ୟ ପଟେ ଅସ୍ତରଙ୍ଗ ଅଞ୍ଚଳ ଓ କାକଟପୁର ରେ ମଧ କୌଣସି କାମ ରେ ସରକାର ଙ୍କ ନିର୍ଦ୍ଦେଶ କୁ ସମ୍ପୂର୍ଣ୍ଣ ଫୁ କରିଦେଉଛନ୍ତି ଯାହାକି ଫଳରେ ଲୋକ ଙ୍କ ପାଖରେ ସରକାର ବଦନାମ ହେଉଛନ୍ତି, ବର୍ତ୍ତମାନ ଏହି କାର୍ଯ୍ୟ କୁ ତଦନ୍ତ ପରିସର କୁ ଆଣିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି ।

## ବିଦ୍ୟାଳୟ ପରିସରରେ ପ୍ରତିଧ୍ୱନିତ ହେଲା ‘ବନ୍ଦେ ମାତରଂ’

ଦଶପଲ୍ଲା,(ମହାଭାରତ): ଭାରତୀୟ ଜାତୀୟତାବାଦର ପ୍ରତୀକ ‘ବନ୍ଦେ ମାତରଂ’ ସଙ୍ଗୀତ ରଚନାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ସାମୁହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାଧା ମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଏକ ଭବ୍ୟ ଉତ୍ସବ ପାଳିତ ହୋଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣୀ ସ୍ୱର୍ଣ୍ଣ ସାରିକା ଜେନାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉକ୍ତ ଉତ୍ସବରେ ସାଂସଦଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧିକାରୀ ଶରତ କୁମାର ମଲ୍ଲିକ, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେୟ ପୂର୍ବାହ୍ନ ୧୧ଟା ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶହ ଶହ ଛାତ୍ରଛାତ୍ରୀ ଏକସ୍ୱରରେ ‘ବନ୍ଦେ ମାତରଂ’ ସଙ୍ଗୀତ ଗାନ କରିଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁରକ୍ଷା ପକ୍ଷରୁ ସଡ଼କ ସୁରକ୍ଷା ମାସ ୨୦୨୬

ପାରାଦୀପ,(ମହାଭାରତ):ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁରକ୍ଷାପାରାଦୀପ ଶାଖା ପକ୍ଷରୁ ୨୦୨୬ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି ।ଏହି ଅବସରରେ ସଚେତନତା ଅଭିଯାନ ସ୍ୱରୂପ ସୁରକ୍ଷିତ ଯାତ୍ରା ପାଇଁ ସଂଗଠନ ପକ୍ଷରୁ ୨୦୨୬ ଜାନୁଆରୀ ୧ ତାରିଖ ଠାରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସତର୍କତାର ଫଳକମାନ ଦୋଛକି, ଇଫକୋଛକ,ଅଠର ବାଙ୍କୀୟ ବିଜୁ ପାର୍କ ଛକ, ସବଷ୍ଟେ ସନ ଛକ,ଥାନା ଛକ, ବସ ଷ୍ଟାଣ୍ଡ ଛକ ଓ ମାଉସୀମା ଛକ ନିକଟରେ ଲଗାଯାଇ ସଚେତନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।ଗାଡ଼ି ଚଳାଇବା ସମୟରେ ସାବଧାନତା ଅବଲମ୍ବନ କରିବା,ସୀମିତ ବେଗରେ ଗାଡ଼ି ଚଳାଇବା,ଦୁଇ ଚକିଆ ଗାଡ଼ିରେ ହେଲ୍ ମେଟ୍ ପିନ୍ଧିବା,ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର ନ କରିବା ଏବଂ ନିଶା ସେବନ କରି ଗାଡ଼ି ନ ଚଳାଇବା ପାଇଁ ପରାମର୍ଶ ଦିଆଯାଉ ଅଛି ।ଜାତୀୟ ରାଜପଥର ମୁଖ୍ୟ ପଥର ପ୍ରଶସ୍ତି କରଣ ପାଇଁ କାର୍ଯ୍ୟ ଚାଲୁଥିଲେ ମଧ ରାଜପଥର ଉଭୟ ପାର୍ଶ୍ୱରେ ଗାଡିଗୁଡିକ ଦୀର୍ଘ ସମୟଧରି ପାର୍କିଂ କରାଯାଉଥିବାରୁ ଦୁର୍ଘଟଣା ମାନ ଘଟୁଅଛି ।ଏଥିରୁ ନିବୃତ୍ତ ରହିବାପାଇଁ ଦୋଛାକି ଠାରୁ ଅଠରବାଙ୍କି ଛକ ପର୍ଯ୍ୟନ୍ତ ଗାଡ଼ିର ଡ୍ରାଇଭର ମାନଙ୍କୁ ସଚେତନ କରାଯାଉଅଛି ।ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ ଶାଖାର ମୁଖ୍ୟ କାର୍ଯକାରୀ ଅଧକ୍ଷ ତଥା ସଂଗଠନର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ସାମଲ,ସମ୍ପାଦକ ସୁନିଲ ଶେଖର ଲେଙ୍କା,ସଦସ୍ୟ - ବ୍ରଜ କିଶୋର ପାଢ଼ୀ,ଶୁକଦେବ ମଣ୍ଡଳ,ବୈକୁଣ୍ଠନାଥ ନାୟକ,ସମୀର କୁମାର ନାୟକ,ନାଗାର୍ଜୁନ ପଣ୍ଡା ଏବଂ ଦାଶରଥି ପ୍ରଧାନ ସମେତ ବହୁ କର୍ମକର୍ତ୍ତା ଓ ସହଯୋଗୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଷଷ୍ଠ ଦିନରେ ଓଲାଶୁଣୀ ମେଳା : ମେଳା ପଡ଼ିଆରେ ପ୍ରବଳ ଭିଡ଼



ବାଲିଚନ୍ଦ୍ରପୁର,(ମହାଭାରତ) ମାଘକୃଷ୍ଣ ଏକାଦଶୀ ତିଥିରୁ ଆରମ୍ଭ ହୋଇଥିବା ଓଲାଶୁଣୀ ଗୁମ୍ଫାଯାତ୍ରା ଆଜି ଷଷ୍ଠ ଦିନରେ ପହଞ୍ଚିଛି। ପାହାଡ଼କୁ ଯିବାକୁ ମୁଖ୍ୟ ରାସ୍ତା ଆଜି ସମ୍ପୂର୍ଣ୍ଣ ଭିଡ଼ ଥିବାରୁ ପୋଲିସ ଓ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ ପାଇଁ ତତ୍ପର ଅଛନ୍ତି। ମୁଖ୍ୟ ରାସ୍ତାରୁ ପାହାଡ଼ ପାଦଦେଶ ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗୁଛି। ପୋଲିସ ବିଭାଗ ପକ୍ଷରୁ ଭିଡ଼ ପ୍ରତି ସଚେତନ ହୋଇ ପକେଟ ମାରଙ୍କ ପ୍ରତି ସର୍ତକ ରହିବାକୁ ଡ଼ାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଛି। ମେଳା ପଡ଼ିଆରେ ୬ଟି ଅପେରା ନାଟକ ମଂଚସ୍ଥ କରିବାକୁ ଥିବା ବେଳେ ଏବେ ଅନନ୍ତ ନାରାୟଣ ଧଳଙ୍କର ଅଶୋକ ସମ୍ରାଟ ଅପେରା ଓ ସୂର୍ଯ୍ୟମନ୍ଦିର ଅପେରା ନାଟକ ମଂଚସ୍ଥ କରୁଛି। ଆସନ୍ତା କାଲି ଠାରୁ ଅନ୍ୟ ଅପେରା ଗୁଡ଼ିକ ନାଟକ ମଂଚସ୍ଥ କରିବେ ବୋଲି ବିଭିନ୍ନ କମିଟି ପକ୍ଷରୁ ଜଣାପଡ଼ିଛି। ତେବେ ଅଶୋକ ସମ୍ରାଟ ଅପେରାର କୋରିଓଗ୍ରାଫର ପବିତ୍ର ପ୍ରଧାନଙ୍କ ଦ୍ୱାରା ନିର୍ଦ୍ଦେଶିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ରେକଡ଼ଡ୍ୟାନ୍ସ ଦୀର୍ଘ ୪ ଦିନ ହେବ ହେଉଥିବା ବେଳେ ଏହା ଦର୍ଶକଙ୍କର ଖୁବ ହୃଦୟସ୍ପର୍ଶୀ ହୋଇପାରିଛି। ଯାହା ଫଳରେ ଅପେରା ଦେଖିବା ପାଇଁ ଦର୍ଶକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଉଭୟ ଯାତ୍ରା ମଂଚ ପାଖରେ ଦର୍ଶକ ମାନେ ଟିକେଟ କରିବା ପାଇଁ ଲମ୍ବା ଲାଇନରେ ଧାଡ଼ିବାନ୍ଧି ଠିଆ ହୋଇଥିବା ଦେଖିବାକୁ ମିଳିଛି ।ଭିନ୍ନ କ୍ଷମ ଲୋକଙ୍କ ଦ୍ୱାରା ଭଜନ ପରିବେଶଣ : ପାହାଡ଼ର ପାଦଦେଶରେ ହୋଇଥିବା ଗଣମାଧ୍ୟମ ପ୍ରକୋଷ୍ଠ ପରିସରରେ ଭିନ୍ନ କ୍ଷମ ବ୍ୟକ୍ତିଙ୍କ ଦ୍ୱାରା ଦୀର୍ଘ ୩ ଦିନ ହେବ ଭଜନ ପରିବେଶଣ ହେଉଥିବା ଦେଖିବାକୁ ମିଳିଛି। ସେମାନେ ବିଭିନ୍ନ ହୃଦୟସ୍ପର୍ଶୀ ଭଜନ ଓ ଜଣାଣ ଗାଉଥିବା ବେଳେ ସେମାନଙ୍କ ମଧ୍ୟରୁ ମଧ କିଛି ବ୍ୟକ୍ତି ବିଭିନ୍ନ ପ୍ରକାର ବାଦ୍ୟ ଯନ୍ତ୍ର ବଜାଉଛନ୍ତି। ସନ୍ଧ୍ୟା ୫ଟାରୁ ସେମାନେ ଭଜନ ପରିବେଶଣ କରୁଥିବା ବେଳେ ପାହାଡ଼ର ଶୀର୍ଷ ଦେଶ ସନ୍ଥ ଅରକ୍ଷିତ ଦାସ ସମାଧି ପୀଠକୁ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁ ମାନେ ସେହିଠାରେ ରୁଣ୍ଡ ହୋଇ ଭଜନ ଶୁଣିବା ସହିତ ସେମାନଙ୍କୁ କିଛି ଆର୍ଥିକ ସହାୟତା ଯୋଗାଉଥିବା ଦେଖିବାକୁ ମିଳୁଛି। ଯାହା କି ସେମାନଙ୍କର ପରିବାର ପ୍ରତିପୋଷଣର ଆବଶ୍ୟକତା ମେଣ୍ଟାଉଅଛି।

## ଉନ୍ନାଓ ମାମଲା : କୁଲଦୀପ ସେନଗରଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟକା, ଖାରଜ ହେଲା ଯାଚିକା



ନୂଆଦିଲ୍ଲୀ : ଦିଲ୍ଲୀ ହାଇକୋର୍ଟରୁ ବିଜେପିର ପୂର୍ବ ବିଧାୟକ କୁଲଦୀପ ସେନଗରଙ୍କୁ ବଡ଼ ଝଟକା ଲାଗିଛି । ଦିଲ୍ଲୀ ହାଇକୋର୍ଟ ଉନ୍ନାଓ ହାଜତ ମୃତ୍ୟୁ ମାମଲାରେ ଦୋଷୀ ସାବ୍ୟସ୍ତ କୁଲଦୀପଙ୍କୁ ନିବେଦନକୁ ଖାରଜ କରିଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ମାମଲାର ଜଟିଳତା ଓ ଅପରାଧର ପ୍ରକୃତିକୁ ନଜରରେ ରଖି ଦଣ୍ଡ ଉପରେ ରୋକ ଲଗାଇବାର କୌଣସି ଆଧାର ନାହିଁ । କୁଲଦୀପ ଲୋୟର କୋର୍ଟର ଦଣ୍ଡକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଜାମିନ ନିବେଦନ ମଧ୍ୟ କରିଥିଲେ । ଯାହାକୁ କୋର୍ଟ ମନା କରିଦେଇଛନ୍ତି । ଏହି ଯାଚିକାରେ ଜଷ୍ଟିସ ରବିନ୍ଦର ଡୁଡେଜା ଶୁଣାଣି କରି କହିଥିଲେ କି, ହାଜତ ମୃତ୍ୟୁ ମାମଲାରେ କୁଲଦୀପ ସେନଗରଙ୍କୁ ୧୦ ବର୍ଷୀ ଦଣ୍ଡାଦେଶ ମିଳିଛି । ଏହି ମାମଲା ଉତ୍ତରପ୍ରଦେଶ ଉନ୍ନାଓ ଜିଲ୍ଲାରେ ୨୦୧୭ ମସିହାରେ ହୋଇଥିବା ହାଜତ ହତ୍ୟା ମାମଲା ସହ ସମ୍ପୃକ୍ତ । ପୀଡ଼ିତକୁ ପୋଲିସ ହାଜତରେ ନିର୍ମମ ମାଡ଼ ମରାଯାଇଥିଲା, ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମାମଲାର ଯାଞ୍ଚରେ ଏହି ପୁରା ଘଟଣାକ୍ରମରେ କୁଲଦୀପ ସିଂହ ସେନଗରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଓ ବିଧାୟକ ଭାବେ ନିଜ ପ୍ରଭାବର ଦୁରୁପଯୋଗ କରିଥିବା ଜଣାପଡିଥିଲା । ମାମଲାର ତଦନ୍ତ ପୁରା ହେବା ପରେ ସ୍ୱତନ୍ତ୍ର ନ୍ୟାୟାଳୟ ସେଙ୍ଗରକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ କରିଥିଲେ । ୨୦୨୦ରେ କୁଲଦୀପଙ୍କୁ ୧୦ ବର୍ଷର ଜେଲ ଦଣ୍ଡାଦେଶ ସହିତ ୧୦ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଲଗାଯାଇଥିଲା । ତେବେ ଏହି ମାମଲାରେ ସେନଗରଙ୍କ ଭାଇ ଅତୁଲ ସିଂ ଏବଂ ୫ ଜଣ ଅନ୍ୟ ଲୋକଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ ।

## ସ୍ୱାର୍ଥପର ମହିଳା ଆମ ଘର ଭାଙ୍ଗିଦେଲା, ସ୍ତ୍ରୀ ଅପର୍ଣ୍ଣାଙ୍କ ଉପରେ ଏଭଳି ଅଭିଯୋଗ ଆଣିଲେ ପ୍ରତୀକ ଯାଦବ



ବିହାର: ଅପର୍ଣ୍ଣା ଯାଦବଙ୍କୁ ଛାଡପତ୍ର ଦେବେ ଅଖିଳେଶ ଯାଦବଙ୍କ ଭାଇ ପ୍ରତୀକ ଯାଦବ । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ଭାଇ ପ୍ରତୀକ ଯାଦବ ତାଙ୍କ ପତ୍ନୀ ଅପର୍ଣ୍ଣା ଯାଦବଙ୍କଠାରୁ ଅଲଗା ହେବାକୁ ଯାଉଛନ୍ତି । ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ପ୍ରତୀପ ଯାଦବ ପତ୍ନୀ ଅପର୍ଣ୍ଣାଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ଯେ, ସେ ଜଣେ ସ୍ୱାର୍ଥପର ମହିଳା, ତାଙ୍କ ପରିବାକୁ ନଷ୍ଟ କରିଦେଇଛନ୍ତି, ସେ ମୋ ବିଷୟରେ ମଧ୍ୟ ଚିନ୍ତା କରନ୍ତି ନାହିଁ । ସେ କେବଳ ନିଜ ବିଷୟରେ ଚିନ୍ତା କରନ୍ତି । ଅପର୍ଣ୍ଣା ଯାଦବଙ୍କ ଫଟୋ ସହିତ ସେ ଲେଖିଛନ୍ତି "ମୁଁ ଯଥାଶୀଘ୍ର ଏହି ସ୍ୱାର୍ଥପର ମହିଳାଙ୍କୁ ଛାଡପତ୍ର ଦେବାକୁ ଯାଉଛି । ସେ ମୋର ପାରିବାରିକ ସମ୍ପର୍କକୁ ନଷ୍ଟ କରିଦେଇଛନ୍ତି । ସେ କେବଳ ନିଜର ଲୋକପ୍ରିୟତା ଚାହୁଁଛନ୍ତି । ମୁଁ ବର୍ତ୍ତମାନ ମାନସିକ ଭାବରେ ଅସ୍ଥିର, କିନ୍ତୁ ମୁଁ ଏଥିରେ ମଧ୍ୟ ଚିନ୍ତା କରେ ନାହିଁ, କାରଣ ସେ କେବଳ ନିଜ ବିଷୟରେ ଚିନ୍ତା କରେ । ମୁଁ ଏତେ ଖରାପ ବ୍ୟକ୍ତିଙ୍କୁ କେବେ ଭେଟି ନାହିଁ । ଏହା ମୋର ଦୁର୍ଭାଗ୍ୟ ଥିଲା ଯେ ମୁଁ ତାଙ୍କୁ ବିବାହ କରିଥିଲି।" ପ୍ରତୀକ ଏବଂ ଅପର୍ଣ୍ଣା ଯାଦବ ୨୦୧୨ ମସିହାରେ ବିବାହ କରିଥିଲେ । ସେମାନଙ୍କର ଦୁଇଟି ଝିଅ ଅଛନ୍ତି । ୨୦୨୨ ବିଧାନସଭା ନିର୍ବାଚନ ପୂର୍ବରୁ ଅପର୍ଣ୍ଣା ଯାଦବ ବିଜେପିରେ ଯୋଗ ଦେଇଥିଲେ । ଅପର୍ଣ୍ଣା ଯାଦବ ବିଜେପି ମହିଳା କମିଶନର ଉପାଧ୍ୟକ୍ଷ ।

## ଲଦାଖରେ ୫.୭ ତୀବ୍ରତାର ଭୂକମ୍ପ ଝଟକା

ନୂଆଦିଲ୍ଲୀ : ଲେହ ଲଦାଖରେ ଭୂକମ୍ପ ଝଟକା ଅନୁଭୂତ । ୫.୭ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଝଟକା ଲାଗିଛି । ସକାଳ ୧୧ଟା ୫୧ ମିନିଟରେ ଭୂକମ୍ପ ଅନୁଭୂତ ହୋଇଛି । ଭୂକମ୍ପର ଝଟକା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି ।



ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ସତର୍କତାମୂଳକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଭୂକମ୍ପ ଝଟକା ଜମ୍ମୁ କଶ୍ମୀରର କିଛି ଅଞ୍ଚଳରେ ଅନୁଭୂତ ହୋଇଛି । ନ୍ୟାସନାଲ ସେଣ୍ଟର ଫର ସେସ୍ମୋଲୋଜି ଅନୁସାରେ, ରବିବାର ସକାଳ ୧୧.୫୧ ମିନିଟ ସମୟରେ ଉତ୍ତ ପଶ୍ଚିମ କଶ୍ମୀର ଏବଂ ଲଦାଖର ବିଭିନ୍ନ ଅଞ୍ଚଳରେ ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ଏହାର ଭୂପୃଷ୍ଠରୁ ୧୭୧ କିମି ଗଭୀରତାରେ କେନ୍ଦ୍ରସ୍ଥଳ ବୋଲି ଜଣାପଡିଛି । ତେବେ ଲଦାଖରେ ଭୂକମ୍ପ ଆସିବାର ଗୋଟେ ଦିନ ପୂର୍ବରୁ ହିମାଳୟ ଅଞ୍ଚଳରେ ଥିବା ପଡୋଶୀ ଦେଶ ଆଫଗାନିସ୍ତାନରେ ମଧ୍ୟ ଭୂକମ୍ପ ଝଟକା ଲାଗିଥିଲା । ଗତ ସପ୍ତାହରେ ୪.୨ ଏବଂ ୩.୮ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏଥିରେ କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି ।

# ୟୁଏଇ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ: ସ୍ୱାଗତ କରିବା ପାଇଁ ପ୍ରୋଟୋକଲ ଭାଙ୍ଗିଲେ ମୋଦୀ

ନୂଆଦିଲ୍ଲୀ: ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହୟାନ ଆଜି ଭାରତ ଗସ୍ତରେ ଆସିଛନ୍ତି। ସେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୋଟୋକଲ ଭାଙ୍ଗି ବ୍ୟକ୍ତିଗତ ଭାବେ ବିମାନବନ୍ଦର ଯାଇ ତାଙ୍କୁ ସ୍ୱାଗତ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୟୁଏଇ ରାଷ୍ଟ୍ରପତି ମାତ୍ର ୨ ଘଣ୍ଟା ପାଇଁ ଭାରତ ଗସ୍ତରେ ଆସିଥିବାବେଳେ ମୋଦୀ ତାଙ୍କୁ ଯେଉଁ ଅପୂର୍ବ ବନ୍ଧୁତାର ନିଦର୍ଶନ ଦେଖାଇଛନ୍ତି ତାହା ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ପ୍ରତିଫଳନ।



ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିମନ୍ତ୍ରଣକ୍ରମେ ନାହୟାନ ଭାରତ ଗସ୍ତରେ ଆସିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ମୋ ଭାଇ, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହୟାନଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରକୁ ଯାଇଥିଲି। ୟୁଏଇ ରାଷ୍ଟ୍ରପତିଙ୍କ ଗସ୍ତ ଭାରତ-ୟୁଏଇର ଦୃଢ଼ ବନ୍ଧୁତାକୁ ଦର୍ଶାଉଛି। ପ୍ରଧାନମନ୍ତ୍ରୀ ପରେ ୟୁଏଇ ରାଷ୍ଟ୍ରପତି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଲୋକ କଲ୍ୟାଣ ମାର୍ଗ ସ୍ଥିତ ତାଙ୍କ ସରକାରୀ ବାସଭବନରେ ସ୍ୱାଗତ କରିଥିଲେ। ଏହି ଗସ୍ତ ଅବସରରେ ମୋଦୀ ତାଙ୍କୁ କିଛି ସାଂସ୍କୃତିକ ଉପହାର ପ୍ରଦାନ କରିଛନ୍ତି। ଏଥି ?ରେ ଫୁଲ ଓ ପାରମ୍ପରିକ ଡିଜାଇନରେ ପ୍ରସ୍ତୁତ ହୋଇଥିବା ଏକ ଗୁଜରାଟୀ ଝୁଲା ରହିଛି। ଏଥିସହ ମୋଦୀ ତାଙ୍କୁ ଏକ ହାତବୁଣା କାଶ୍ମୀରୀ ପଶମିନା ସାଲ୍ ଉପହାର ଦେଇଛନ୍ତି। ସୂଚନାନୁଯାୟୀ, ମୋଦୀ ଓ ୟୁଏଇ ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲୋଚନାରେ ଭାରତ-ୟୁଏଇ ବ୍ୟାପକ ରଣନୈତିକ ସହଭାଗିତା ଉପରେ ଫୋକସ୍ ରହିଛି ଏବଂ ଏଥିସହ ଉଭୟ ନେତା ମିଳିତ ସ୍ୱାର୍ଥ-ସମ୍ବଳିତ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ମତବିନିମୟ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୟୁଏଇ ରାଷ୍ଟପତି ହେବାପରେ ଏହା ଶେଖ ମହମ୍ମଦଙ୍କର ତୃତୀୟ ଭାରତ ଗସ୍ତ।

## ସ୍ପେନ ରେଳ ଦୁର୍ଘଟଣାରେ ବଢିଲା ମୃତକଙ୍କ ସଂଖ୍ୟା, ଏଯାଏଁ ୩୯ ମୃତ

ସ୍ପେନ : ସ୍ପେନରେ ଦୁଇ ହାଇସ୍ପିଡ୍ ଟ୍ରେନ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବଢିଚାଲିଛି ମୃତକଙ୍କ ସଂଖ୍ୟା । ୩୯ ମୃତ, ୧୫୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ସ୍ପେନର କୋର୍ଡୋବା ପ୍ରଦେଶରେ ଘଟିଛି ଏହି ରେଳ ଦୁର୍ଘଟଣା । ଦୁଇଟି ଦ୍ରୁତଗାମୀ ଯାତ୍ରୀବାହୀ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩୯ ଜଣଙ୍କର ମୃତ୍ୟୁ ହୋଇଛି । ଏହା ସହ ବେଳେ ୧୫୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୨୦ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି । କାଲି ସଂଧ୍ୟାରେ ଆଡାମୁଜ୍ ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ମାଲାଗାରୁ ମାଡ୍ରିଡ୍ ଅଭିମୁଖେ ଯାଉଥିବା ଏକ ଟ୍ରେନ୍ ଯାନ୍ତ୍ରିକ ତ୍ରୁଟି କାରଣରୁ ଟ୍ରାକ୍ ବଦଳାଇ ପାଖ ଲାଇନକୁ ଚାଲିଯାଇଥିଲା । ସେହି ସମୟରେ ବିପରୀତ



ଦିଗରୁ ଆସୁଥିବା ଅନ୍ୟ ଏକ ଦ୍ରୁତଗାମୀ ଟ୍ରେନ୍ ସହିତ ଧକ୍କା ହୋଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ ଉଭୟ ଟ୍ରେନର ପ୍ରଥମ ତିନୋଟି ବଗି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଅନ୍ଧାର ଯୋଗୁଁ ଉଦ୍ଧାର କାର୍ଯ୍ୟରେ ପ୍ରଥମେ ବାଧା ସୃଷ୍ଟି ହୋଇଥିଲା । ତେବେ ଶତାଧିକ ଅଗ୍ନିଶମ ବାହିନୀ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ବାହାର କରିଥିଲେ । ଗୁରୁତର ଆହତମାନଙ୍କୁ ସାମରିକ ହେଲିକପ୍ଟର ଯୋଗେ ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସ୍ପେନ୍ ପ୍ରଧାନମନ୍ତ୍ରୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ରେଳବାଇ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି । ସିଗନାଲ୍ ତ୍ରୁଟି ନା ଚାଳକଙ୍କ ଅସାବଧାନତା ଯୋଗୁଁ ଏହି ଦୁର୍ଘଟଣା ଘଟିଲା, ତାହାର ତଦନ୍ତ କରାଯିବ ।

## ଚିଲ୍ଲିର ଅନେକ ସହରରେ ଜଙ୍ଗଲ ନିଆଁ, ୧୯ ଜୀବନ ଯିବା ପରେ ଜରୁରୀ ଘୋଷଣା

ଚିଲ୍ଲି : ଦକ୍ଷିଣ ଆଫ୍ରିକା ଚିଲ୍ଲି ଜଙ୍ଗଲରେ ଭୟଙ୍କର ନିଆଁ ଲାଗିଛି । ଫଳରେ ଏମରଜେନ୍ସୀ ଘୋଷଣା କରାଯାଇଛି । ନିଆଁ ଅନିୟନ୍ତ୍ରିତ ହୋଇ ଦକ୍ଷିଣ ଚିଲ୍ଲି ସମୁଦାୟ ଜାଳିପୋଡ଼ି ପାଉଁଶ କରିଦେଇଛି । ଜଙ୍ଗଲରେ ଆଖପାଖ ଅଞ୍ଚଳରେ ନିଆଁ ଲାଗି ସବୁ ପାଉଁଶ ହୋଇଛି । ନିଆଁରେ ଅତି କମରେ ୧୯ ଜଣଙ୍କ ଜୀବନ ଚାଲିଯାଇଛି । ଚିଲ୍ଲିର ରାଜଧାନୀ ସେଣ୍ଟିଯୋଗରେ ପ୍ରାୟ ପାଖାପାଖି ୫୦୦ କିମି ଦୂର ଦକ୍ଷିଣ ନୁବଲ ଏବଂ ବାୟୋବିୟୋଗ ଅଞ୍ଚଳରେ ଜୋରେ ପବନ ଯୋଗୁଁ ନିଆଁ ଚାରିଆଡେ ବ୍ୟାପିବାରେ ଲାଗିଛି ।



ନିଆଁ ଯୋଗୁଁ ପ୍ରାୟ ୫୦ ହଜାରୁ ଅଧିକ ଲୋକଙ୍କୁ ବିସ୍ଥାପିତ କରାଯାଇଛି । ଘଟଣା ପରେ ଘର ଜଳୁଥିବା ସହ କାର, ଟ୍ରକ ଜଳୁଥିବା ଦେଖିବାକୁ ମିଳିଛି । ପୁରା ସହର ଖାଲି ଖାଲି ଦେଖିବାକୁ ମିଳିଛି । କର୍ଫ୍ୟୁ ପରେ ବିଭିନ୍ନ ସ୍ଥାନରେ ସୈନିକ ଏବଂ ଉଦ୍ଧାକାରୀ ଦଳ ନିଆଁ ଲିଭାଇବା ସହିତ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

## ଡଲାର ତୁଳନାରେ ଟଙ୍କା ପୁଣି ୯୧ ଉପରେ

ମୁମ୍ବାଇ: ଆମେରିକୀୟ ଡଲାର ତୁଳନାରେ ଟଙ୍କା ପୁଣି ଥରେ ଦୁର୍ବଳ ହୋଇ ୯୧ ଟଙ୍କା ସ୍ତର ଅତିକ୍ରମ କରିଛି । ଅର୍ଥାତ ଗୋଟିଏ ଡଲାର କିଣିବା ଲାଗି ଏବେ ୯୧ ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି । ମହଙ୍ଗା ଡଲାର ଦେଶର ଆମଦାନୀ, ବିଦେଶ ଭ୍ରମଣ ଓ ବିଦେଶରେ ପାଠପଢ଼ାକୁ ମହଙ୍ଗା କରିଥାଏ। ବିଦେଶୀ ନିବେଶକମାନେ ଲଗାତାର ଭାବେ ଭାରତୀୟ ଇକ୍ୱିଟି ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଥିବାରୁ ଟଙ୍କା ଦୁର୍ବଳ ହେଉଛି । କିଛି ଦିନ ପୂର୍ବେ ଟଙ୍କା ୯୧ ସ୍ତର ଅତିକ୍ରମ କରିବା ପରେ ସେଥିରେ ସୁଧାର ଘଟିଥିଲା। ଆଜି ପୁଣି ଥରେ ଏକ ଡଲାର ମୂଲ୍ୟ ୯୧ ଟଙ୍କା ୧ ପଇସା ହୋଇଯାଇଥିଲା । ମୁଦ୍ରା ବିନିମୟ ବଜାରରେ କାରବାର ଶେଷ ବେଳକୁ ଡଲାର ମୂଲ୍ୟ ୯୦ ଟଙ୍କା ୯୨ ପଇସାରେ ବନ୍ଦ ହୋଇଥିଲା। ଏହା ପୂର୍ବରୁ ୨୦୨୫ ଡିସେମ୍ବର ୧୬ରେ ଡଲାର ମୂଲ୍ୟ ୯୧ ଟଙ୍କା ୧୪ ପଇସା ହୋଇଯାଇଥିଲା। ଗ୍ରିନଲ୍ୟାଣ୍ଡ ଅଧିଗ୍ରହଣକୁ ନେଇ ୟୁରୋପର ୧୦ଟି ଦେଶ ଉପରେ ଶୁଳ୍କ ଲାଗୁ କରିବାକୁ ଆମେରିକା ରାଷ୍ଟ୍ରପତି ଧମକ ଦେବା ପରେ ନିବେଶକମାନଙ୍କ ମନରେ ପୁଣି ଭୟ ସୃଷ୍ଟି ହୋଇଛି। ବିଦେଶୀ ନିବେଶକମାନେ ପାଣ୍ଠି ପ୍ରତ୍ୟାହାର କରିବା ଓ ଇକ୍ୱିଟି ବଜାର ତଳକୁ ଖସୁଥିବାରୁ ଟଙ୍କା ମୂଲ୍ୟ ଉପରେ ଚାପ ରହିଛି। ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା କମ୍ ହେବା ଓ ଅଶୋଧିତ ତୈଳ ଦର ହ୍ରାସ ପାଉଥିବାରୁ ଟଙ୍କାକୁ କିଛିଟା ସମର୍ଥନ ମିଳିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ଦାମ୍ ୬୩.୫୩ ଡଲାର ରହିଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୩୨୪ ପଏଣ୍ଟ ହ୍ରାସ ପାଇ ୮୩,୨୩୬ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୦୮ ପଏଣ୍ଟ ହ୍ରାସ ପାଇ ୨୫,୫୮୫ ପଏଣ୍ଟକୁ ଖସିଆସିଛି। ଗତ ଶୁକ୍ରବାର ବିଦେଶୀ ନିବେଶକମାନେ ୪୩୪୬.୧୩ କୋଟି ଟଙ୍କାର ଭାରତୀୟ ଇକ୍ୱିଟି ସେୟାର ବିକ୍ରି କରିଥିଲେ।

## ହେବ ମହାଯୁଦ୍ଧ, ଆମେରିକାକୁ ଇରାନର ଚେତାବନୀ

ଇରାନ : ହେବ ମହାଯୁଦ୍ଧ । ଆମେରିକାକୁ ଇରାନର ଚେତାବନୀ । ଇରାନ-ଆମେରିକା ମଧ୍ୟରେ ମହାଯୁଦ୍ଧର ଆଶଙ୍କା । ଖାମେନେଇଙ୍କୁ ଆକ୍ରମଣ କଲେ ହେବ ମହାଯୁଦ୍ଧ ହେବ ବୋଲି ଆମେରିକାକୁ ଖୋଲା ଚେତାବନୀ ଦେଇଛି ଇରାନ । ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଏକ ଭୟଙ୍କର ମୋଡ଼ ନେଇଛି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ସୁରକ୍ଷାକୁ ନେଇ ଇରାନ ପକ୍ଷରୁ ଆମେରିକାକୁ କଡ଼ା ଚେତାବନୀ ଦିଆଯାଇଛି । ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ସ୍ପଷ୍ଟ କରିଛନ୍ତି ଯେ, ଯଦି ଖାମେନେଇଙ୍କ ଉପରେ କୌଣସି ପ୍ରକାର ଆକ୍ରମଣ ହୁଏ ତେବେ ଏହାକୁ ସମଗ୍ର ଇରାନ ଜାତି ବିରୁଦ୍ଧରେ ଏକ "ପୂର୍ଣ୍ଣକାଳୀନ ଯୁଦ୍ଧ" ବୋଲି ବିଚାର କରାଯିବ ।

# ଏସ୍‌ଆଇଆର ପ୍ରସଙ୍ଗରେ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ: 'ତାର୍କିକ ଅସଙ୍ଗତି' ବର୍ଗ ଭୋଟରଙ୍କ ନାଁ ଜାରି କର

ନୂଆଦିଲ୍ଲୀ: ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ଯୋଗୁ ଲୋକମାନେ କେତେ ଚାପରେ ଅଛନ୍ତି ତାହା ନିର୍ବାଚନ କମିସନ ବୁଝିବା ଆବଶ୍ୟକ। 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ ପାଇଥିବା ୧.୨୫ କୋଟି ?ଭୋଟରଙ୍କ ନାମ ପ୍ରକାଶ କରିବା ସହ ସେଗୁଡ଼ିକର ଯାଞ୍ଚ ଯେଭଳି ସ୍ୱଚ୍ଛ ଭାବେ ହେବ ତାହା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ଆଜି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଆଜି ନିର୍ବାଚନ କମିସନଙ୍କୁ 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ୍ ପାଇଥିବା ଭୋଟରଙ୍କ ନାମ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେବା ସହ କହିଛନ୍ତି ଏହି ନାମଗୁଡ଼ିକ ଗ୍ରାମ ପଞ୍ଚାୟତ, ବ୍ଲକ୍



କାର୍ଯ୍ୟାଳୟ ଏବଂ ୱାର୍ଡ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବା ଉଚିତ। ନୋଟିସ୍ ପାଇଥିବା ଲୋକଙ୍କୁ ଦସ୍ତାବିଜ୍ ଦାଖଲ କରିବା ପାଇଁ ଅଧିକ ସମୟ ଦିଆଯିବା ଉଚିତ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଶୁଣାଣି ସମୟରେ ପର୍ଯ୍ୟାପ୍ତ ମାନବସମ୍ବଳ ନିୟୋଜିତ କରାଯିବା ଉଚିତ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷମାନେ ପ୍ରାପ୍ତ ଦସ୍ତାବିଜ୍‌ର ରସିଦ୍ ପ୍ରଦାନ କରିବା ଉଚିତ ଏବଂ ନୋଟିସ୍ ପାଇଥିବା ବ୍ୟକ୍ତିମାନଙ୍କ ଅଭିଯୋଗ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି କ'ଣ ନିଆଗଲା ତାହା ଜଣାଇବା ଉଚିତ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ମାମଲାର ବିଚାର କରିଛନ୍ତି। ଶୁଣାଣି ସମୟରେ ତୃଣମୂଳ କଂଗ୍ରେସ ସାଂସଦ ଡେରେକ୍ ଓବ୍ରାଏନଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ୍ ସିବଲ ଖଣ୍ଡପୀଠଙ୍କୁ କହିଥିଲେ ଯେ ଲୋକମାନଙ୍କୁ ସେମାନଙ୍କ ଜେଜେବାପାଙ୍କ ସହ ବୟସର ପାର୍ଥକ୍ୟ ପାଇଁ 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ କରାଯାଇଛି। ଅନ୍ୟପକ୍ଷେ ନିର୍ବାଚନ କମିସନଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାକେଶ ଦ୍ୱିବେଦୀ ଖଣ୍ଡପୀଠଙ୍କୁ କହିଥିଲେ ଯେ ବାପା ମା' ଏବଂ ପିଲାମାନଙ୍କ ମଧ୍ୟରେ ୧୫ ବର୍ଷ ବୟସ ପାର୍ଥକ୍ୟ ଥିବା ମାମଲା ରହିଛି। ଜଷ୍ଟିସ୍ ବାଗଚୀ ଉତ୍ତର ଦେଇଥିଲେ, 'ମା ଏବଂ ପୁଅ ମଧ୍ୟରେ ୧୫ ବର୍ଷର ବୟସ ପାର୍ଥକ୍ୟ କିପରି ଏକ ତାର୍କିକ ଅସଙ୍ଗତି ହୋଇପାରେ।

ଆମେ ଏପରି ଦେଶରେ ନାହୁଁ ଯେଉଁଠାରେ ବାଲ୍ୟ ବିବାହ ବାସ୍ତବତା ନୁହେଁ। 'ତାର୍କିକ ଅସଙ୍ଗତି' ବର୍ଗରେ ଜାରି ହୋଇଥିବା ନୋଟିସ୍ ମଧ୍ୟରେ ଅର୍ଥନୀତିଜ୍ଞ ଏବଂ ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟ ସେନ୍ ମଧ୍ୟ ଅଛନ୍ତି। ଜଷ୍ଟିସ୍ ବାଗଚୀ ଉଲ୍ଲେଖ କରିଛନ୍ତି ଯେ ୧ କୋଟିରୁ ଅଧିକ ଲୋକଙ୍କୁ ନୋଟିସ୍ କରାଯାଇଛି। ଦୟାକରି ଲୋକମାନେ ଯେଉଁ ଚାପ ଭୋଗୁଛନ୍ତି ତାହା ବୁଝନ୍ତୁ। ଆବଶ୍ୟକ ହେଲେ ଆମେ ନିର୍ଦ୍ଦେଶନାମା ଜାରି କରିବୁ ବୋଲି ସେ କହିଛନ୍ତି। ଗୋଟିଏ ସ୍ଥାନରେ, ବରିଷ୍ଠ ଆଇନଜୀବୀ ଦ୍ୱିବେଦୀ ମଧ୍ୟ ମନ୍ତବ୍ୟ ଦେଇଥିଲେ ଯେ ଯଦି ନିର୍ବାଚନ ସଂସ୍ଥା ଉପରେ ବିଶ୍ୱାସ କରାଯାଇପାରିବ ନାହିଁ, ତେବେ ଏହି କାର୍ଯ୍ୟ ବନ୍ଦ କରାଯିବା ଉଚିତ। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାର ଏସ୍‌ଆଇଆର ପ୍ରକ୍ରିୟାକୁ ଦୃଢ଼ ବିରୋଧ କରିଛି ଏବଂ ଅଭିଯୋଗ କରିଛି ଯେ ଏହା ଆଗାମୀ ରାଜ୍ୟ ନିର୍ବାଚନ ପୂର୍ବରୁ ବୈଧ ଭୋଟରଙ୍କ ନାମ ବାଦ୍ ଦେବାର ଏକ ଚାଲ୍।

ଉଲ୍ଲେଖଯୋଗ୍ୟ ନିର୍ବାଚନ କମିସନ ତିନୋଟି ବର୍ଗ 'ମ୍ୟାପଡ୍', 'ଅନ୍‌ମ୍ୟାପଡ୍' ଏବଂ 'ତାର୍କିକ ଅସଙ୍ଗତି' ଥିବା ଭୋଟରଙ୍କୁ ନୋଟିସ ଜାରି କରିଛନ୍ତି। 'ମ୍ୟାପ୍‌ଡ୍' ବର୍ଗରେ ସେହି ଭୋଟରମାନେ ଅନ୍ତର୍ଭୁକ୍ତ ଯେଉଁମାନଙ୍କ ରେକର୍ଡ ଭୋଟର ତଥ୍ୟ ସହିତ ଯୋଡ଼ା ଯାଇଛି, କିନ୍ତୁ ଅଧିକ ଯାଞ୍ଚ ଆବଶ୍ୟକ। 'ଅନମ୍ୟାପଡ୍' ବର୍ଗରେ ସେହି ଭୋଟରମାନେ ଅନ୍ତର୍ଭୁକ୍ତ ଯେଉଁମାନଙ୍କ ରେକର୍ଡ ନିର୍ବାଚନ ତଥ୍ୟ ସହ ଯୋଡ଼ି ହୋଇନାହିଁ। 'ତାର୍କିକ ଅସଙ୍ଗତି' ବର୍ଗରେ ଯେଉଁମାନେ ନୋଟିସ୍ ପାଇଛନ୍ତି ସେମାନଙ୍କ କ୍ଷେତ୍ରରେ ବାପା ମା'ଙ୍କ ନାମ ମେଳ ଖାଉ ନ ଥିବା, ଭିନ୍ନ ବନାନ ଏବଂ ପିଲା ଓ ବାପା ମା'ଙ୍କ ବୟସ ବ୍ୟବଧାନରେ ଅବିଶ୍ୱସନୀୟ ପାର୍ଥକ୍ୟ ଥିବା ଭଳି ଅସଙ୍ଗତି ରହିଛି।

### ସୁରେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ପ୍ରତାପ ଇଲେଭେନ ଚମ୍ପିୟାନ

ସୁରାଳି,୧୯।୧: ତରୁଣ ଯୁବ ପରିଷଦ ଅସୁରାଳି ଆନୁକୁଲ୍ୟରେ ଅସୁରାଳିଠାରେ ସୁରେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଆସୁ ଇଲେଭେନ ଗଡ଼ିଆଳି ସହିତ ପ୍ରତାପ ଇଲେଭେନ ଲେଞ୍ଜରା ଫିଲାଲ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ପ୍ରଥମେ ଆସୁ ଇଲେଭେନ ନିର୍ଦ୍ଧାରିତ ଓଭର ରେ ବ୍ୟାଟିଂ କରି ୧୨୬ ରନ ସଂଗ୍ରହ କରିଥିଲା ପ୍ରତାପ




ଇଲେଭେନ ତାର ନିର୍ଦ୍ଧାରିତ ଓଭର ମଧ୍ୟରେ ୧୨୭ ରନ ସଂଗ୍ରହ କରି ବିଜୟ ମୁକୁଟ ପିନ୍ଧିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଗଡିଆଳି ସରପଞ୍ଚ ସରୋଜ୍ ସ୍ୱାଇଁ , ଅସୁରାଳି ସରପଞ୍ଚ ଙ୍କ ପ୍ରତିନିଧି ସୁରଜ ସାହୁ , ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ ,ସମାଜସେବୀ ଅଜୟ ଜେନା, ଅଭୟ ଜେନା , ରଘୁନାଥ ସାହୁ , ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ।

# ବିସିବିକୁ ଡେଡଲାଇନ୍ ଦେଲା ଆଇସିସି

ନୂଆଦିଲ୍ଲୀ,୧୯।୧: ମୁସ୍ତାଫିଜୁର ରେହମାନଙ୍କୁ ଆଇପିଏଲରୁ ବାଦ୍ ଦେବା ପରେ ଟି-୨୦ ବିଶ୍ୱକପକୁ ନେଇ ନଖରା ଦେଖାଉଥିବା ବାଂଲାଦେଶକୁ ଲାଗିପାରେ ଝଟକା। ଇଏସପିଏନ କ୍ରିକଇନଫୋର ଏକ ରିପୋର୍ଟ ଅନୁଯାୟୀ, ଆଇସିସି ବାଂଲାଦେଶ କ୍ରିକେଟ୍ ବୋର୍ଡକୁ ସ୍ପଷ୍ଟ ଶବ୍ଦରେ ଜଣାଇ ଦେଇଛି ଯେ, ବାଂଲାଦେଶର ମ୍ୟାଚ୍ ନା ଭାରତରୁ ସ୍ଥାନାନ୍ତର ହେବ ନା ଗ୍ରୁପରେ ଦଳକୁ ଅଦଳ ବଦଳ କରାଯିବ । ଯଦି ବାଂଲାଦେଶ ଭାରତରେ ଖେଳିବାକୁ ମନା କରେ ତେବେ ବିଶ୍ୱକପରୁ ବହିଷ୍କାର କରାଯିବ ଏବଂ ତା ଜାଗାରେ କୌଣସି ନୂଆ ଦଳକୁ ଏଣ୍ଟ୍ରି ମିଳିବ ।

ଜାରି ଗତିରୋଧକୁ ନେଇ ଦୁଇ ଦିନ ପୂର୍ବ ଢାକାରେ ଆଇସିସି ଓ ବିସିବି ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଛି । ବାଂଲାଦେଶ ନିଜ ଜିଦରେ ଅଟଳ ରହିଛି ଯେ, ସେ ବିଶ୍ୱକପ୍ ଖେଳିବ ମାତ୍ର ମ୍ୟାଚ୍ ଭାରତରୁ ସ୍ଥାନାନ୍ତର କରାଯାଉ । ଏବେ ଆଇସିସି ବାଂଲାଦେଶକୁ ଜାନୁଆରୀ ୨୧ ପର୍ଯ୍ୟନ୍ତ ଡେଡଲାଇନ ଦେଇଛି । ଯଦି ସେ ପର୍ଯ୍ୟନ୍ତ ବାଂଲାଦେଶ ନିଜର ଆଭିମୁଖ୍ୟରେ ଅଟଳ ରହେ ତେବେ ଆଇସିସି ବିଶ୍ୱକପରେ ବାଂଲାଦେଶର ଭାଗିଦାରୀକୁ ନେଇ ଅନ୍ତିମ ନିଷ୍ପତ୍ତି ନେବ । ବାଂଲାଦେଶ ଜାନୁଆରୀ ୪ରେ ଆଇସିସିକୁ ଚିଠି ଲେଖି ଟି-୨୦ ବିଶ୍ୱକପରେ ନିଜର ମ୍ୟାଚ୍





ଭାରତରୁ ସ୍ଥାନାନ୍ତର କରିବାକୁ ଦାବି କରିଥିଲା । ବାଂଲାଦେଶ ଗ୍ରୁପ ସିରେ ରହିଛି ଏବଂ ଦଳର ସମସ୍ତ ଗ୍ରୁପ ମ୍ୟାଚ୍ ଭାରତରେ ରହିଛି। ପ୍ରଥମ ମ୍ୟାଚ୍ କୋଲକାତାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ରହିଛି । ଏହା ପରେ ସେହି କୋଲକାତାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ରହିଛି।। ଏହା ପରେ ଗ୍ରୁପ ପର୍ଯ୍ୟାୟର ଶେଷ ମୁକାବିଲା ମୁମ୍ବାଇରେ ଖେଳିବ ବାଂଲାଦେଶ । ବାଂଲାଦେଶ ନିଜର ସୁରକ୍ଷା କାରଣ ଦର୍ଶାଇ ଭାରତରେ ନ ଖେଳିବାକୁ ନିଷ୍ପତ୍ତି ନେଇଛି । ପ୍ରାୟ ୩ ସପ୍ତାହ ବିତିଯିବା ପରେ ଆଇସିସି ଓ ବିସିବି ମଧ୍ୟରେ ଆଲୋଚନା ଚାଲିଛି । ମାତ୍ର ଏବେ ଚୂଡାନ୍ତ ନିଷ୍ପତ୍ତି ନିଆଯିବାର ସମୟ ଆସିଛି । ଶନିବାର ଆଇସିସି ଓ ବିସିବି ଅଧିକାରୀଙ୍କ ମଧ୍ୟରେ ଦ୍ୱିତୀୟ ବୈଠକ ହୋଇଥିଲା । ଏବେ ଆଇସିସି ବାଂଲାଦେଶକୁ ଜାନୁଆରୀ ୨୧ ସୁଦ୍ଧା ନିଜର ଆଭିମୁଖ୍ୟ ବଦଳାଇବାକୁ ଜଣାଇ ଦେଇଛି । ଯଦି ବାଂଲାଦେଶ ନିଜ ଜିଦରେ ଅଟଳ ରହେ ତେବେ ତାକୁ ବିଶ୍ୱକପରୁ ବାହାର କରାଯିବ । ବାଂଲାଦେଶ ସ୍ଥାନରେ ନୂଆ ଟିମର ଘୋଷଣା ହୋଇପାରେ । ବର୍ତ୍ତମାନର ରାଙ୍କିଙ୍ଗ ଅନୁସାରେ ସ୍କଟଲାଣ୍ଡକୁ ବିଶ୍ୱକପରେ ଏଣ୍ଟ୍ରି ମିଳିପାରେ ।

## ୪ ମାସ ପରେ ପୁଣି ଦିନିକିଆ ଖେଳିବେ ରୋକୋ

ନୂଆଦିଲ୍ଲୀ,୧୯।୧: ଅନ୍ତର୍ଜାତୀୟ କ୍ରିକେଟରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ବ୍ୟାଟିଂ ଦେଖିବାକୁ ପ୍ରସଂଶକମାନଙ୍କୁ ଆହୁରି ୪ ମାସ ଅପେକ୍ଷା କରିବାକୁ ପଡ଼ିବ। କାରଣ ଉଭୟ ମହାନ ବ୍ୟାଟ୍ସମ୍ୟାନ ଆଉ ଟି-୨୦ ଖେଳୁନାହାନ୍ତି। ଭାରତର ପରବର୍ତ୍ତି ଦିନିକିଆ ସିରିଜ ଜୁଲାଇ ମାସରେ ଖେଳାଯିବ ଜୁଲାଇରେ ଭାରତୀୟ ଦଳ ଇଂଲାଣ୍ଡ ଗସ୍ତରେ ଯାଇ ୫ଟି ଟ୍ୱେଣ୍ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ ଖେଳିବ। ପ୍ରଥମ ଦିନିକିଆ ଜୁଲାଇ ୧୪ରେ ବର୍ମିହାମରେ ଖେଳାଯିବ। ଦ୍ୱିତୀୟ ଓ ତୃତୀୟ ଦିନିକିଆ ୧୬ ଓ ୧୯ ଯଥାକ୍ରମେ କାର୍ଡିଫ୍ ଓ ଲର୍ଡସରେ ଖେଳାଯିବ ଏଣୁ ଏହି ଗସ୍ତ ପାଇଁ ଯଦି ରୋହିତ ଓ ବିରାଟଙ୍କୁ ଭାରତୀୟ ଦଳରେ ସାମିଲ କରାଯାଏ, ତେବେ ତାଙ୍କର ବ୍ୟାଟିଂ ଦେଖିବାକୁ ମିଳିବ ତେବେ ବିରାଟ ଓ ରୋହିତଙ୍କ ପ୍ରସଂଶକମାନେ ଆସନ୍ତା ଆଇପିଏଲରେ ଉଭୟଙ୍କ ବ୍ୟାଟିଂ ଦେଖିପାରିବେ।

### ପାତଳପଡ଼ା ଗ୍ରାମୀଣ କ୍ରିକେଟ କପ

# ବଙ୍ଗୋମୁଣ୍ଡା ବିଜେତା

ବଙ୍ଗୋମୁଣ୍ଡା,୧୯।୧– ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ପଞ୍ଚାୟତ ପାତଳପଡ଼ା ଗାଁ ପଡିଆରେ ଚାଲିଥିବା ଗ୍ରାମୀଣ କ୍ରିକେଟ କପ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁର୍ବତନ ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଯୁବ ସମାଜସେବୀ ସୁଶାନ୍ତ ବେହେରା, ସମାଜସେବୀ ଦେବେନ୍ଦ୍ର ମାଝୀ,ପୂର୍ବତନ ବଙ୍ଗୋମୁଣ୍ଡା ସରପଞ୍ଚ ସୁଶାନ୍ତ କୁମାର ଯୋଶୀ, ନାଏବ ସରପଞ୍ଚ ତିରଣ ଭରାସଗରିଆ, ଅବସରପ୍ରାପ୍ତ ସୈନିକ ଉମା ଘିଭେଲା, ଯୁବନେତା ଧନସିଂ ନାଗ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ର ସଭାପତି ରଶ୍ମିରଞ୍ଜନ ପୁଟେଲ,ବୁଦ୍ଧିସାଗର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଏହି ଅଞ୍ଚଳ ଆଖ ପାଖ ଗାଁର ୧୬ ଟି ଦଳ ଟୁର୍ଣ୍ଣାମେଣ୍ଟ ରେ ଭାଗ ନେଇଥିବା ବେଳେ ବଙ୍ଗୋମୁଣ୍ଡା ଓ ପାତଳପଡା ଦଳ ଫାଇନାଲ୍ ରେ ଉତ୍ତୀର୍ଣ୍ଣ ହୋଇଥିଲା । ପାତଳପଡା କୁ ପରାସ୍ତ କରି ବଙ୍ଗୋମୁଣ୍ଡା ଦଳ ଚମ୍ପିଆନ ହୋଇଛି । ଡ଼ମନା ହଂସ ଓ ମଣି ବଛା ଖେଳ ପରିଚାଳନା କରିଥିଲେ ଆୟୋଜକ କମିଟି ର ସଭାପତି ମୋହନ ଲାଲ ନାଗ, ଉପ ସଭାପତି ବିନୋଦ ନାଗ, ସମ୍ପାଦକ ଡ଼ମନା ହଂସ, ସହ ସମ୍ପାଦକ ଅଚ୍ୟୁତ ବଛା, କୋଷାଧ୍ୟକ୍ଷ ଗଗନ ହଂସ, ସଦସ୍ୟ ତରୁଣ ଟାହାଣୀ,ମଧୁ ଜାନୀ, ଚମ୍ପେ ଜାନୀ,କରନ ଭୋଇ, ସିଦ୍ଧାନ୍ତ ଭୋଇ, ମିନି ବଛା, ବିଜୁ ଭୋଇ, କୌତୁକ ଜାନୀ,ଦେବରାଜ ଜାନୀ ପ୍ରମୁଖ ଙ୍କ ସହ ଆୟୋଜକ କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ଦିଲ୍ଲୀକୁ ୮ ୱିକେଟରେ ହରାଇଲା ବେଙ୍ଗାଲୁରୁ

ନୂଆଦିଲ୍ଲୀ,୧୮।୦୧: ଚଳିତ ଡବ୍ଲ୍ୟୁପିଏଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏକମାତ୍ର ଦଳ ଭାବେ ପ୍ରଥମ ୪ଟି ଯାକ ମ୍ୟାଚ୍ ଜିତି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ୧୧ତମ ଲିଗ୍ ମୁକାବିଲାରେ ଦଳ ୮ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୧୬୬ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ଜବାବରେ ରୟାଲ ଚ୍ୟାଲେଞ୍ଜର୍ସ ୧୮.୨ ଓଭରରେ ୨ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ସ୍ମୃତି ମନ୍ଧାନା ୯୬ ରନ୍‌ର ଦମଦାର ପାଳି ଖେଳି ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦ ରନ୍‌ରେ ୪ଟି ୱିକେଟ୍ ହରାଇଥିଲା। କେବଳ ଶେଫାଳି ବର୍ମାଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ରୟାଲ୍ ଚ୍ୟାଲେଞ୍ଜର୍ସ ବୋଲରଙ୍କ ମୁକାବିଲା କରିପାରି ନଥିଲେ ଅନ୍ତିମ ଭାଗରେ ସ୍ନେହ ରାଣା ଓ ଲୁସି ହାମିଲଟନ ଉପଯୋଗୀ ଇନିଂସ ଖେଳିବା ଫଳରେ ଦଳୀୟ ସ୍କୋର




୧୬୬ରେ ପହଞ୍ଚିଥିଲା ଶେଫାଳି ୫ଚୌକା ଓ ୪ଛକା ବଳରେ ୬୨ ରନ କରିଥିଲେ ସେହିପରି ଲୁସି ୩ଚୌକା ଓ ୩ଛକା ବଳରେ ୧୯ଟି ବଲ୍‌ରୁ ୩୬, ରାଣା ୨୨ (୩ଚୌକା) ରନ କରିଥିଲେ ରୟାଲ୍ ଚ୍ୟାଲେଞ୍ଜର୍ସ ପକ୍ଷରୁ ଲାଉରେନ ବେଲ ଓ ସାୟାଲି ସତଘରେ ୩ଟି ଲେଖାଏଁ କେଟ୍ ନେଇଥିଲେ ।

ଜବାବରେ ରୟାଲ୍ ଚ୍ୟାଲେଞ୍ଜର୍ସ ୧୪ ରନ୍‌ରେ ଓପନର ଗ୍ରେସ ହ୍ୟାରିସ୍ (୧)ଙ୍କ ୱିକେଟ୍ ହରାଇଥିଲା। ଅନ୍ୟ ଓପନର ସ୍ମୃତି ମନ୍ଧନାଙ୍କ ସହ ଜର୍ଜିୟା ଭୋଲ ମିଶି ସ୍ଥିତି ସୁଧାରି ନେଇଥିଲେ। କ୍ରିଜରେ ଜମିବା ପରେ ଉଭୟ ଆକ୍ରମଣାତ୍ମକ ବ୍ୟାଟିଂ କରି ବିଜୟ ପଥ ପ୍ରସ୍ତୁତ କରିଥିଲେ । ଦ୍ୱିତୀୟ ୱିକେଟ୍‌ରେ ଉଭୟ ୧୪୨ ରନ ଯୋଗ କରିଥିଲେ । ଦଳୀୟ ସ୍କୋର ୧୫୬ ବେଳେ ଯୋଡ଼ି ଭାଙ୍ଗିଥିଲେ। ଦୀପ୍ତି ଶର୍ମା ମନ୍ଧନା ୧୩ଚୌକା ଓ ୩ଛକା ବଳରେ ୯୬ ରନ କରି ଆଉଟ୍ ହୋଇଥିଲେ। ଭୋଲଙ୍କ ସହ ରିଚା ଘୋଷ ମିଶି ଦଳକୁ ବିଜୟୀ କରାଇଥିଲେ। ଭୋଲ୍ ୫ଚୌକା ଓ ୨ ଛକା ବଳରେ ୫୪ ଓ ରିଚା ୭ ରନ କରି ଅପରାଜିତ ରହିଥିଲେ ।

# ରିଙ୍କୁ ସିଂହଙ୍କ ବିରୋଧରେ ଅଭିଯୋଗ

ନୂଆଦିଲ୍ଲୀ,୧୯।୧: ଭାରତୀୟ କ୍ରିକେଟର ରିଙ୍କୁ ସିଂହ ବିବାଦୀୟ ଭିଡିଓ ସୋସିଆଲ ମିଡିଆରେ ଶେୟାର କରି ଅଡୁଆରେ ପଡ଼ିଛନ୍ତି। ସନାତନ ଧର୍ମ ଏବଂ ହିନ୍ଦୁ ଦେବଦେବୀଙ୍କୁ ଅପମାନିତ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାବି ହୋଇଛି। କରଣୀ ସେନା ପକ୍ଷରୁ ଏହି ଅଭିଯୋଗ ଅଣାଯିବା ସହ ରିଙ୍କୁଙ୍କ ମାନସିକତାକୁ 'ଜିହାଦୀ' ବୋଲି କୁହାଯାଇଛି। ରିପୋର୍ଟ ଅନୁସାରେ ରିଙ୍କୁ ସିଂହ ନିଜ ଇନଷ୍ଟାଗ୍ରାମରେ ଏକ ଏଆଇ ଭିଡିଓ ଶେୟାର କରିଥିଲେ। ଏଥିରେ ପ୍ରଭୁ ହନୁମାନ ଏକ କାର୍ ଚଲାଉଥିବା ବେଳେ ପ୍ରଭୁ ଗଣେଶ, ଶିବ ଏବଂ ବିଷ୍ଣୁ ସେହି କାରରେ ସବାର ହୋଇଥିବା ଦେଖାଯାଇଛି।



ଭିଡିଓରେ ରିଙ୍କୁ ସିଂହ ପଡ଼ିଆରେ ଛକା ମାରୁଥିବା ଦୃଶ୍ୟ ସହ "ଆପଣଙ୍କୁ ସଫଳତା କିଏ ଦେଇଛି" ବୋଲି ପ୍ରଶ୍ନ ଲେଖାଯାଇଛି। ଏହାର ଉତ୍ତରରେ ଦେବଦେବୀମାନେ କଳା ଚଷମା ପିନ୍ଧି ଗାଡ଼ିରେ ଯାଉଥିବା ଦୃଶ୍ୟ ପ୍ରଦର୍ଶନ କରାଯାଇଛି। କରଣୀ ସେନାର ଆଲିଗଡ଼ ଜିଲା ସଭାପତି ସୁମିତ ତୋମାର ଥାନାରେ ଲିଖିତ ଅଭିଯୋଗ କରି କହିଛନ୍ତି ଯେ, ଏହି ଭିଡିଓ ଜରିଆରେ ହିନ୍ଦୁ ଦେବଦେବୀଙ୍କ ମର୍ଯ୍ୟାଦା ହାନି କରାଯାଇଛି। ଏହା କୋଟି କୋଟି ସନାତନୀଙ୍କ ଜନଭାବନାକୁ ଆହତ କରିଛି। ପୋଲିସ ଏହି ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଥାନା ଅଧିକାରୀ ମନୋଜ କୁମାରଙ୍କ କହିବା ଅନୁଯାୟୀ, ଅଭିଯୋଗ ମିଳିବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତଦନ୍ତ ପରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ନିଆଯିବ।

# କ୍ୱାର୍ଟର ଫାଇନାଲରେ କଣ୍ଟାବାଞ୍ଜି

ବଙ୍ଗୋମୁଣ୍ଡା,୧୯/୦୧ – ବଙ୍ଗୋମୁଣ୍ଡା ବ୍ଲକ ସଦର ସ୍ଥିତ ଖେଳପଡିଆ। ଠାରେ ସ୍ୱାମୀ ବିବେକାନନ୍ଦ ପାଠାଗାର,ବଙ୍ଗୋମୁଣ୍ଡା ଓ ୟୁନିକ ଷ୍ଟାର ସ୍ପୋର୍ଟସ କ୍ଲବ ପକ୍ଷରୁ ଦ୍ୱିତୀୟ ଗୋପରାମ ହଂସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ, ସମ୍ମାନିତ ଅତିଥି ଭାବେ ବଙ୍ଗୋମୁଣ୍ଡାର ଜମିଦାର ତଥା ପୁର୍ବତନ ବରିଷ୍ଠ ଖେଳାଳି ଶରତ ଚନ୍ଦ୍ର ସିଂ ଭୋଇ, ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେଉଦଘାଟନୀ ମ୍ୟାଚ କଣ୍ଟାବାଞ୍ଜି ଓ ବଡ଼ଗମଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜି ଦଳ ୧-୦ ଗୋଲରେ ବଡ଼ଗମଡା ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଂଚିଛି। ଆୟୋଜକ କମିଟିର ଡବ୍ଲୁ ହଂସ,ଯଯାତି ସିନ୍ଦୁର, ମଣ୍ଟୁ ସରାଫ,ମଣ୍ଟୁ ଟାଣି,ଦିବସ ମାଝୀ,ପପୁନ ପାଣିଗ୍ରାହୀ, ସୋନୁ ପୁଟେଲ,ସୁନିସ ପ୍ରଧାନୀ,ରଶ୍ମିକାନ୍ତ ସିନ୍ଦୁର,ଶେଷାଙ୍କ ଶେଖର ଯାଦବ,ରୂପକ ଯାଦବ, ସୁଧୀର ବାଗ,ଦିବ୍ୟସିଂ ନାଏକଙ୍କ ସହ ଆୟୋଜକ କମିଟି ସହଯୋଗ କରିଥିଲେ ।ଆଶୀର୍ବାଦ ସା ରେଫରୀ ଓ ଆଶିଷ ସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା, ଲାଇନ ମ୍ୟାନ ଭାବରେ ଖେଳ ପରିଚାଳନା କରିଥିଲେ। ଆସନ୍ତା ଜାନୁଆରୀ ୨୬ ତାରିଖ ଦିନ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି ।

# ଟି-୨୦ ବିଶ୍ୱକପର ଅନେକ ମ୍ୟାଚ୍‌ରୁ ବାଦ୍ ପଡିଲେ କମିନ୍ସ

ନୂଆଦିଲ୍ଲୀ: ୨୦୨୬ ଟି୨୦ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ଏକ ବଡ଼ ଝଟକା ଲାଗିଛି। ଅଧିନାୟକ ତଥା ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ମ୍ୟାଚ୍ ଖେଳିପାରିବେ ନାହିଁ। ଅଷ୍ଟ୍ରେଲିଆର ଚୟନ କମିଟି ଅଧ୍ୟକ୍ଷ ଜର୍ଜ ବେଲି ସୋମବାର ସ୍ପଷ୍ଟ କରିଛନ୍ତି ଯେ କମିନ୍ସ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି ଏବଂ ଟୁର୍ଣ୍ଣାମେଣ୍ଟର ତୃତୀୟ କିମ୍ବା ଚତୁର୍ଥ ମ୍ୟାଚ୍ ପାଖାପାଖି ଦଳରେ ଯୋଗ ଦେଇପାରନ୍ତି। ପ୍ୟାଟ୍ କମିନ୍ସ ବର୍ତ୍ତମାନ କଟି ହାଡ଼ ଚାପ ଆଘାତରୁ ସୁସ୍ଥ ହେଉଛନ୍ତି।

ଏହି ସମସ୍ୟା ୨୦୨୫-୨୬ ଆସେସ ସିରିଜ୍ ପୂର୍ବରୁ ଦେଖାଦେଇଥିଲା। ଫଳରେ ସେ ଆସେସ ସିରିଜର ୪ଟି ମ୍ୟାଚ୍ ଖେଳି ପାରି ନ ଥିଲେ । ତାଙ୍କୁ ପାଞ୍ଚଟି ଟେଷ୍ଟ ମ୍ୟାଚ୍ ମଧ୍ୟରୁ ଚାରୋଟି ଖେଳିବାରୁ ବାରଣ କରିଥିଲା। ଯଦିଓ ସେ ଆସେସ ସମୟରେ କଠୋର ପୁନର୍ବାସ କରିଥିଲେ ଏବଂ ଆଡିଲେଡ୍ ଟେଷ୍ଟରେ ଛଅଟି ୱିକେଟ୍ ନେଇଥିଲେ, ତଥାପି ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ସମୟ ନେଉଛନ୍ତି, ଫଳରେ ସେ ଟି-୨୦ ବିଶ୍ୱକପର ପ୍ରାରମ୍ଭିକ କିଛି ମ୍ୟାଚ୍ ଖେଳି ପାରିବେ ନାହିଁ ।



ଜର୍ଜ ବେଲି ପାକିସ୍ତାନ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ରୁ ପ୍ୟାଟ୍ କମିନ୍ସ, ଜୋଶ୍ ହାଜେଲଉଡ୍ ଏବଂ ଟିମ୍ ଡେଭିଡ୍ ବାଦ ପଡ଼ିବା ବିଷୟରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯେ ଟିମ୍ ଡେଭିଡ୍ ସାମାନ୍ୟ ହାମଷ୍ଟ୍ରିଙ୍ଗ୍ ଷ୍ଟ୍ରେନ୍ ସମସ୍ୟା ଦେଇ ଗତି କରୁଛନ୍ତି । କିନ୍ତୁ ବର୍ତ୍ତମାନ ସେ ସୁସ୍ଥ ହେଉଛନ୍ତି । ବିଶ୍ୱକପ ଆରମ୍ଭ ହେବା ପୂର୍ବରୁ ସେ ଫିଟ୍ ହୋଇଯିବେ । ଜୋଶ ହାଜେଲଉଡଙ୍କ ଅବସ୍ଥା ସମାନ। ବେଲି କହିଛନ୍ତି ଯେ ପ୍ୟାଟ୍ କମିନ୍ସଙ୍କ ଅବସ୍ଥା ଟିକିଏ ଭିନ୍ନ ଏବଂ ସେ ବିଶ୍ୱକପର ପ୍ରାରମ୍ଭିକ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ ନାହିଁ। ସେ ଆଶା କରିଛନ୍ତି ଯେ, ଯେ କମିନ୍ସ ତୃତୀୟ କିମ୍ବା ଚତୁର୍ଥ ମ୍ୟାଚ୍‌ରେ ଦଳରେ ଯୋଗ ଦେଇପାରିବେ। ଅଷ୍ଟ୍ରେଲିଆ ଦଳ ପରିଚାଳନା ପ୍ୟାଟ୍ କମିନ୍ସଙ୍କୁ ନେଇ କୌଣସି ତରବରିଆ ନିଷ୍ପତ୍ତି ନେବାକୁ ନେବାକୁ ଚାହୁଁ ନାହିଁ । କମିନ୍ସଙ୍କ ପିଠି ଆଘାତର ଇତିହାସ ଅଛି, ତେଣୁ ଚୟନକର୍ତ୍ତାମାନେ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ପର୍ଯ୍ୟାପ୍ତ ସମୟ ଦେବାକୁ ଚାହୁଁଛନ୍ତି। ଜର୍ଜ ବେଲି କହିଛନ୍ତି ଯେ ଯଦି ସବୁକିଛି ଠିକ୍ ଠାକ୍ ହୁଏ, ତେବେ ଦଳ ଚାହୁଁଛି ଯେ କମିନ୍ସ କୌଣସି ବିପଦ ବିନା ଫେରି ଆସନ୍ତୁ। ତଥାପି, ଆବଶ୍ୟକ ହେଲେ ଯୋଜନା ପରିବର୍ତ୍ତନ କରାଯାଇପାରିବ। ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତି ଅଷ୍ଟ୍ରେଲିଆର ବୋଲିଂ ଆକ୍ରମଣକୁ ପ୍ରଭାବିତ କରିପାରେ, ବିଶେଷକରି ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକରେ। ଏବେ କମିନ୍ସ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପଡ଼ିଆକୁ ଫେରିବା ପର୍ଯ୍ୟନ୍ତ ଅନ୍ୟ ଦ୍ରୁତ ବୋଲରମାନେ କିପରି ଦାୟିତ୍ୱ ତୁଲାଇବେ ତାହା ଉପରେ ଟିମ୍ ପରିଚାଳନା ନଜର ରଖିବ।

## ହସ୍ପିଟାଲରୁ ଘରକୁ ଫେରିଲେ ମାର୍ଟିନ

ମେଲବୋର୍ନ,୧୭।୧: ପୂର୍ବତନ ଅଷ୍ଟ୍ରେଲିଆନ ବ୍ୟାଟର ଡାମିଏନ ମାର୍ଟିନ ଶନିବାର ହସ୍ପିଟାଲରୁ ଘରକୁ ଫେରିଛନ୍ତି। ଗତ ଡିସେମ୍ବର ୨୭ ତାରିଖରେ ମେନିଙ୍ଗିଟିସ ଆଟାକ କାରଣରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏପରି କି ସେ କୋମାକୁ ଚାଲି ଯାଇଥିଲେ। ସୁସ୍ଥ ହୋଇ ଘରକୁ ଫେରିଥିବାରୁ ମାର୍ଟିନ ଖୁସି ବ୍ୟକ୍ତ କରିଛନ୍ତି ସମୁଦ୍ର କୂଳରେ ଚାଲିପାରୁଥିବାରୁ ଏବଂ ମୋ ପରିବାର ପ୍ରତି ସମର୍ଥନ ବ୍ୟକ୍ତ କରିଥିବା ପ୍ରତ୍ୟେକଙ୍କୁ ଧନ୍ୟବାଦ ଏହି ଅଭିଜ୍ଞତା ମନେପକାଇ ଦେଉଛି ଯେ, ଜୀବନ କେତେ କ୍ଷଣସ୍ଥାୟୀ ଏବଂ ସମୟ କେତେ ମୂଲ୍ୟବାନ ବୋଲି ମାର୍ଟିନ ଏକ୍ସରେ ପୋଷ୍ଟ କରିଛନ୍ତି।

# ଆନ୍ତରାଜ୍ୟସ୍ତରୀୟ କ୍ରିକେଟ ମ୍ୟାଚ ଉଦଯାପିତ

ବଡ଼ଚଣା,୧୯।୧: ତାପସ ମିଶ୍ର ଙ୍କ ରିପୋର୍ଟ ଆଜି ସୁଙ୍ଗୁଡା ଗ୍ରାମ ପଞ୍ଚାୟତ ଅଧିନ ନିଶିମଳା ଗ୍ରାମ ରେ ହେଉଥିବା ଅନ୍ତଃରାଜ୍ୟ ସ୍ତରୀୟ କ୍ରିକେଟ୍ ମ୍ୟାଚ୍‌ର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବଡ଼ଚଣାର ବିଧାୟକ ଅମର କୁମାର ନାୟକ ମୋହଦୟ ଯୋଗଦେଇଥିଲେ। ଏହି କ୍ରିକେଟ ଖେଳ ପଡ଼ିଆକୁ ଏକ ରାଲି



ଦ୍ୱାରା ସ୍ୱାଗତ କରାଯାଇଥିଲା ଏବଂ ସାଥିରେ ଥିଲେ ପ୍ରମୋଦ କୁମାର ଜେନା। ଜିଲ୍ଲା ଉପସଭାପତି ଭାଜପା ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଗଲା। ଏହା ନୂଆସୁଙ୍ଗୁଡା ଶନି ମନ୍ଦିର ନିକଟରୁ ଆରମ୍ଭ ହୋଇ ଥିଲା। ନୂଆସୁଙ୍ଗୁଡା ବୁଥ୍ ସଭାପତି ସତ୍ୟବ୍ରତ ସେନାପତି ଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଗଲା। ନୂଆସୁଙ୍ଗୁଡା ରେ କ୍ଲବ ଘର ନଥିବା ହେତୁ ଦେବେନ୍ଦ୍ର ନାୟକ ପ୍ରସ୍ତାବ ରଖିଥିଲେ। ବିଧାୟକ ନିଜସ୍ ପାଣ୍ଠିରୁ କ୍ଲବ ଘର କରାଇଦେବେ ବୋଲି ପ୍ରତିଶୃତି ଦେଇଛନ୍ତି। ପ୍ରଥମ ଶନିମନ୍ଦିର ନିକଟରେ ନୂଆସୁଙ୍ଗୁଡା ଗ୍ରାମ ରୁ ଲକ୍ଷ୍ମୀ ନାରାୟଣ ଡ୍ରାମାଟିକ କ୍ଲବ ତରଫରୁ ବରିଷ୍ଠ ନେତୃତ୍ୱ ଦୈତାରୀ ସେନାପତି ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନାରେ, ଯୁବ ନେତୃତ୍ୱ ସ୍ମୃତି ରଞ୍ଜନ ମାହାଲା,ରଂଜନ ସାହୁ, ପ୍ରିୟବ୍ରତ ନାୟକ,ଶ୍ରୀନୀବାସ ରାଉତରାୟ,ସଂବ୍ରି ମାହାଲା,ଜାବାଳୀ ସେଠୀ, ସୁବ୍ରତ ସାହୁ ,ପୃଥିବନ୍ଧୁ ସାହୁ,ଆଲୋକ ମାହାଲା ଆହୁରି ଅନେକ ଯୁବପିଢି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ମିଚେଲଙ୍କୁ ଗିଫ୍ଟ ଦେଇ ଚର୍ଚ୍ଚାରେ ବିରାଟ

ଇନ୍‌ଦୋର,୧୯।୧: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଶେଷ ମ୍ୟାଚ୍ ଇନ୍‌ଦୋରର ହୋଲକର ଷ୍ଟାଡିୟମରେ ଖେଳାଯାଇଥିଲା। ଟିମ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ନିର୍ଣ୍ଣାୟକ ମ୍ୟାଚ୍‌ରେ ଏକ ଚମତ୍କାର ଶତକ ହାସଲ କରିଥିଲେ କିନ୍ତୁ ଭାରତୀୟ ଦଳକୁ ବିଜୟୀ କରିବାରେ ବିଫଳ ହୋଇଥିଲେ।




ନ୍ୟୁଜିଲାଣ୍ଡ ବିପକ୍ଷରେ ଏହା ଭାରତର ପ୍ରଥମ ଘରୋଇ ପରାଜୟ। ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ଏପରି ସଫଳତା ପାଇ ନ ଥିଲା। ସିରିଜର ଶେଷ ମ୍ୟାଚ୍ ପରେ ବିରାଟ ଏପରି କିଛି କରିଥିଲେ ଯାହା ପାଇଁ ସେ ଜଣାଶୁଣା। ସେ ତାଙ୍କର ଦସ୍ତଖତ ଜର୍ସି ଡାରିଲ ମିଚେଲଙ୍କୁ ଉପହାର ଦେଇଥିଲେ ଏବଂ ତାଙ୍କୁ ଆଲିଙ୍ଗନ କରିଥିଲେ। ମିଚେଲ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ । ଲୋକମାନେ ବିରାଟ କୋହଲିଙ୍କ କ୍ରୀଡ଼ା ମନୋଭାବକୁ ପ୍ରଶଂସା କରୁଛନ୍ତି।

ଡାରିଲ ମିଚେଲ ଭାରତୀୟ ଦଳଠାରୁ ଉଭୟ ମ୍ୟାଚ୍ ଛଡ଼ାଇ ନେଇଥିଲେ। ପୂର୍ବ ମ୍ୟାଚ୍‌ରେ ସେ ଏକ କଷ୍ଟକର ପରିସ୍ଥିତିରେ ଏକ ମ୍ୟାଚ୍ ବିଜୟୀ ଶତକ ହାସଲ କରିଥିଲେ। ଶେଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ରନ୍‌ରେ ଦୁଇଟି ଉଇକେଟ ହରାଇବା ପରେ, ସେ ଆସି ଏକ ଚମତ୍କାର ଶତକ ହାସଲ କରିଥିଲେ, ଯାହା ଦଳକୁ ଏକ ବିଶାଳ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥିଲା। ମିଚେଲଙ୍କ ଇନିଂସ ନ୍ୟୁଜିଲାଣ୍ଡକୁ ଭାରତ ବିପକ୍ଷରେ ୩୩୭ ରନର ଲକ୍ଷ୍ୟ ଦେବାରେ ସାହାଯ୍ୟ କରିଥିଲା। ଜବାବରେ ଭାରତୀୟ ଦଳ ୨୫୨ ରନରେ ଅଲଆଉଟ ହୋଇଯାଇଥିଲା। ବିରାଟଙ୍କ ୧୨୪ ରନର ଚମତ୍କାର ଇନିଂସ ସତ୍ତ୍ୱେ, ଭାରତ ତୃତୀୟ ଦିନିକିଆକୁ ୪୧ ରନରେ ହାରିଥିଲା। ଟିମ ଇଣ୍ଡିଆ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ ୧-୨ ରେ ହାରିଥିଲା। ମିଚେଲଙ୍କ ୧୩୧ବଲ ରୁ ୧୩୭ ରନ ନ୍ୟୁଜିଲାଣ୍ଡର ବିଜୟ ପାଇଁ ମୂଳଦୁଆ ପକାଇଥିଲା।ଡାରିଲ ମିଚେଲ ଏବଂ ବିରାଟ କୋହଲି ତିନି ମ୍ୟାଚ୍ ବିଶିଷ୍ଟ ସିରିଜରେ ସର୍ବାଧିକ ରନ ସ୍କୋରର ଥିଲେ। ମିଚେଲ ୧୭୬ ହାରରେ ୩୫୨ ରନ କରି ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲା। ବିରାଟ କୋହଲି ଶେଷ ମ୍ୟାଚ୍ ରେ ୧୨୪ ରନ ସହିତ ସିରିଜରେ ୮୦ ହାରରେ ୨୪୦ ରନ କରିଥିଲେ। ଇନଦୋରରେ ଖେଳାଯାଇଥିବା ତୃତୀୟ ଦିନିକିଆରେ, ବିରାଟ ନିୟନ୍ତ୍ରିତ ଆକ୍ରମଣାତ୍ମକ ଏବଂ ଧୈର୍ଯ୍ୟର ଏକ ଚମତ୍କାର ଉଦାହରଣ ପ୍ରଦର୍ଶନ କରିଥିଲେ। ସେ ନ୍ୟୁଜିଲାଣ୍ଡର କଡ଼ା ବୋଲିଂ ବିପକ୍ଷରେ ଚମତ୍କାର ଡ୍ରାଇଭ, ପୁଲ ଏବଂ ଚୌକା ଏବଂ ଛକା ମାରି ପ୍ରାୟ ଏକାକୀ ଲଢିଥିଲେ। କିନ୍ତୁ ଶେଷରେ ବିରାଟ ଆଉଟ ହେବାମାତ୍ରେ ଭାରତର ସମସ୍ତ ଆଶା ଧୂଳିସାତ ହୋଇଯାଇଥିଲା।

## ଭାରତ ଆସିବେ ୪୨ ପାକିସ୍ତାନୀ ଖେଳାଳି

ନୂଆଦିଲ୍ଲୀ: ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ଆୟୋଜିତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଆସନ୍ତା ଫେବୃଆରୀ ୭ରେ ଆରମ୍ଭ ହେବାକୁ ଯାଉଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଏବଂ ସହାୟକ କର୍ମଚାରୀଙ୍କ ପାଇଁ ଭିସା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିଛି। ଖେଳାଳି ଏବଂ ଅଧିକାରୀମାନଙ୍କ ସମେତ ମୋଟ ୪୨ ଜଣ ବ୍ୟକ୍ତି ଟି୨୦ ବିଶ୍ୱକପ୍ ପାଇଁ ଭାରତ ଯାତ୍ରା କରୁଛନ୍ତି। ଫଳସ୍ୱରୂପ ଆଇସିସି ଭିସା ଆନୁଷ୍ଠାନିକତାକୁ ସହଜ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଇଂଲଣ୍ଡ ଦଳରେ ପାକିସ୍ତାନୀ ବଂଶୋଦ୍ଭବ କ୍ରିକେଟରଙ୍କ ମଧ୍ୟରେ ସ୍ପିନର ଆଦିଲ ରସିଦ, ରେହାନ ଅହମ୍ମଦ ଏବଂ ଦ୍ରୁତ ବୋଲର ସାକିବ ମହମୁଦ ଅନ୍ତର୍ଭୁକ୍ତ। ଆମେରିକା ଦଳରେ ଅଲି ଖାନ ଏବଂ ଶାୟାନ ଜାହାଙ୍ଗୀର ଏବଂ ନେଦରଲ୍ୟାଣ୍ଡ ଦଳରେ ଜୁଲଫିକର ସାକିବଙ୍କ ପରି ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଅଛନ୍ତି। ରିପୋର୍ଟ ଅନୁଯାୟୀ, ଇଂଲଣ୍ଡ ଖେଳାଳି ରସିଦ, ରେହାନ ଏବଂ ସାକିବଙ୍କ ଭିସା ଆବେଦନ ପୂର୍ବରୁ ମଞ୍ଜୁର ହୋଇସାରିଛି।

# ପଞ୍ଜାବ ପାଇଁ ରଣଜୀ ଖେଳିବେ ଗିଲ୍

ନୂଆଦିଲ୍ଲୀ,୧୯।୧– ନ୍ୟୁଜିଲାଣ୍ଡଠାରୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍‌ରେ ପରାଜିତ ହେବା ପରେ ଭାରତର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍ କ୍ରିକେଟରୁ ବ୍ରେକ ନେବା ବଦଳରେ ରଣଜୀ ଟ୍ରଫିରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି ।ଆସନ୍ତା ଗୁରୁବାରଠାରୁ ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ




ଖେଳାଯିବାକୁ ଥିବା ଗ୍ରୁପ୍-ବି' ମ୍ୟାଚ୍‌ରେ ପଞ୍ଜାବ ପାଇଁ ସେ ଖେଳିବେ। ଦେଶର ପ୍ରମୁଖ ଘରୋଇ ଟୁର୍ନାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପଞ୍ଜାବ ଦଳର ସାହାଯ୍ୟ କରିବାକୁ ଗିଲ ଇଚ୍ଛା ପ୍ରକଟ କରିଛନ୍ତି।

ସେ ବର୍ତ୍ତମାନ ଇନ୍‌ଦୋର ଥିବା ବେଳେ ରାଜକୋଟକୁ ଏବେ କୌଣସି ସିଧାସଳଖ ଫ୍ଲାଇଟ୍ ନାହିଁ। ଏଣୁ ତାଙ୍କୁ ରାଜକୋଟରେ ତାଙ୍କୁ ପହଞ୍ଚିବା ପାଇଁ ୮ ଘଣ୍ଟା ଲାଗିବ ବୋଲି ପଞ୍ଜାବ ଦଳର ସୂତ୍ରରୁ କୁହାଯାଇଛି।

ପଞ୍ଜାବ ବର୍ତ୍ତମାନ ଗ୍ରୁପ୍-ବି'ରେ ୫ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିବା ଲାଗି ଦଳକୁ ତା'ର ବଳକା ୩ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ଗିଲଙ୍କ ଫେରିବା ଦ୍ୱାରା ପଞ୍ଜାବ ଦଳର ବ୍ୟାଟିଂ ଲାଇନ-ଅପ୍ ଶକ୍ତିଶାଳୀ ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ